## ଦୁଷ୍କର୍ମ ଅଭିଯୋଗରେ ଯୁବକ ଗିରଫ

**କଣିହାଁ ୬।୧(ସମିସ):** କଣିହାଁ ବ୍ଲକ ଏନଟିପିସି ଟାଉନଥାନା ପୁଲିସ ଅସଦାଚରଣ ଅଭିଯୋଗରେ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଆଇଆଇସି ସନ୍ତୋଷ କୁମାର ସେଠୀଙ୍କ ସୂଚନାରୁ ଜଣାଯାଏ ଯେ, ଗତ ଦୁଇ ତାରିଖରେ ବିଜୁଗୋଳ ଗ୍ରାମର ଜନୈକ ମହିଳାଙ୍କ ସ୍ୱାମୀ ଘରେ ନଥିବା ବେଳେ ଏହାର ସୁଯୋଗ ନେଇ ପଡିଶା ଘରେ ରହୁଥିବା ସନ୍ଦୀପ ନାଏକ(୩୦) ତାଙ୍କୁ ଅସଦାଚରଣ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା । କେସ ନମ୍ବର ୧/୨୪ ରେ ରୁଜୁ କରାଯାଇ ଅଭିଯୁକ୍ତ ସନ୍ଦୀପକୁ ଶନିବାର କୋର୍ଟ ଚାଲାଣ କରାଯାଇଛି ।

## ଧରାପଡ଼ିଲା ଚୋରା ମାଟିବୋଝେଇ ଗାଡ଼ି

**ତାଳଚେର,୬ ।୧(ସମିସ):** କଳାହୀରା ସହର ତାଳଚେର ଅଞ୍ଚଳରେ ବେଧଡ଼କ ଭାବେ ବାଲି, ମାଟି, ଗୋଡ଼ି, ଚିପ୍ସ, ମେଟାଲ ଓ କୋଇଲା ଇତ୍ୟାଦି ଦୈନନ୍ଦିନ ଚୋରା କାରବାରରେ ଅପରାଧିଙ୍କ ଭୂସ୍ୱର୍ଗ ପାଲଟିଛି । ଗତକାଲି ବିଳମ୍ବିତ ରାତ୍ରୀରେ କୁନାଲ କନଷ୍ଟ୍ରକସନ୍ ଲେଖା ହୋଇଥିବା ଏକ ହାଇୱା ( ଜିଜେ – ୦୩ ବିଟି- ୯ ୬୧୭ )ରେ ମାଟି ବୋଝେଇକରି ନେଉଥିବା ବେଳେ କୌଣସି ସୂତ୍ରରୁ ଖବର ପାଇ ତାଳଚେର ଡିଡି ମାଇନ୍ସ ପକ୍ଷରୁ ଆତର୍କିତ ଚଢ଼ଉ କରାଯାଇଥିଲା । ଚାଳକ କାଗଜପତ୍ର ଦେଖାଇ ପାରିନଥିବାରୁ ମାଇନ୍ସ ପକ୍ଷରୁ ଗାଡ଼ିକୁ ଜବତ କରାଯାଇଥିଲା । ଯେଉଁଦିନ ଠାରୁ ଲଘୁଜାତ ଖଣିଜ ଦ୍ରବ୍ୟ ଉପରେ ନିୟମ ପରିବର୍ତ୍ତନ ହୋଇ ନୂତନ ନିୟମ ପ୍ରଣୟନ ହୋଇଛି ସେହିଦିନ ଠାରୁ ଅଧିକ ପରିମାଣରେ ଏହି ଖଣିଜ ଦ୍ରବ୍ୟ ଚୋରି ହେଉଛି ବୋଲି କୁହାଯାଉଛି । ଖସି ଯାଉଛନ୍ତି ଅଧିକ ଧରା ପଡୁଛନ୍ତି ଅଳ୍ପ ।

## କଳମଛୁଇଁ ଶିଶୁମନ୍ଦିରର ସଫଳତା




**ତାଳଚେର,୬ ।୧(ସମିସ):** ୨୦୨୩-୨୪ ଶିକ୍ଷାବର୍ଷ ସରକାରୀ ବୃତ୍ତି ପରୀକ୍ଷାରେ ତାଳଚେର ବ୍ଲକ ଅନ୍ତର୍ଗତ କଳମଛୁଇଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରଛାତ୍ରୀମାନେ ଅଭୁତପୂର୍ବ ସଫଳତା ହାସଲ କରିଛନ୍ତି । ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷା ଫଳରେ ଭକ୍ତିମୟୀ ବେହେରା, ଜ୍ୟୋତିରାଦିତ୍ୟ ସାହୁ, ବିଶ୍ୱଜିତ ପ୍ରଧାନ ବୃତ୍ତି ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ସେହିପରି ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷାରେ ବିଦ୍ୟାଳୟର ଛାତ୍ର ଶାଶ୍ୱତ କୁମାର ନାୟକ ଓ ସତ୍ୟମ୍ ସୁନ୍ଦରମ୍ ସାହୁ ଯୋଗ୍ୟ ବିବେଚିତ ହୋଇ ବିଦ୍ୟାଳୟର ଗୌରବ ବୃଦ୍ଧି କରାଇଛନ୍ତି । ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ଅନୀଲ କୁମାର ଦେହୁରୀ , ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଶିକ୍ଷାବିତ୍ ଦୁର୍ଯ୍ୟୋଧନ ସାହୁ, ଉପସଭାପତି ତପନ କୁମାର ସାହୁ, ସମ୍ପାଦକ ବିଭୂତି ଭୂଷଣ ସ୍ୱାଇଁ, ଯୁଗ୍ମ ସମ୍ପାଦକ ବିକ୍ରମ ଜେନା,କୋଷାଧ୍ୟକ୍ଷ ପଞ୍ଚାନନ ବେହେରାଙ୍କ ସମେତ ସମସ୍ତ ଗୁରୁଜୀ, ଗୁରୁମା ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି ।

## ସଡ଼କ ସୁରକ୍ଷା ସପ୍ତାହ କାର୍ଯ୍ୟକ୍ରମ

**କଣିହାଁ, ୬।୧ (ସମିସ):** ଅନୁଗୋଳ ଜିଲ୍ଲା କଣିହା ବ୍ଲକ ସମଲ ଥାନା ଓ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ତାଳଚେର ମିଳିତ ସହଯୋଗରେ ଆୟୋଜିତ ସଡ଼କ ସୁରକ୍ଷା ସପ୍ତାହ ପାଳନ କାର୍ଯ୍ୟକ୍ରମ ସମଲ ବ୍ୟାରେଜ ଉଚ୍ଚ ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଆଞ୍ଚଳିକ ପରିବହନ ଅଧିକାରୀ ପ୍ରିୟବ୍ରତ ମହାନ୍ତି ସମଲ ଆଇଆଇସି ଦିଲ୍ଲୀ କୁମାର ଲାକ୍ରା ତାଳଚେର ଟ୍ରାଫିକ୍ ଅଧିକାରୀ, ପ୍ରଧାନଶିକ୍ଷକ ରଞ୍ଜନ କୁମାର ସାହୁ ଯୋଗ ଦେଇଥିଲେ । ଏଥିରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବଜାର ପରିକ୍ରମା କରି ସଡ଼କ ସୁରକ୍ଷା ସପ୍ତାହ ଉପଲକ୍ଷେ ସରକାରଙ୍କ ଦ୍ୱାରା ନୀତି ନିର୍ଦ୍ଧାରଣ କରାଯାଇ ଥିବା ସଚେତନତା ବାର୍ତ୍ତା ପ୍ଲା କାର୍ଡ ଓ ଗୋଲାପ ଫୁଲ ଦେଇ ଉତ୍ସାହିତ କରାଯାଇଛି ।

● ଭୁଜାଲିରେ ହାଣି ବ୍ରାହ୍ମଣୀ ନଦୀରେ ଫିଙ୍ଗିଦେବା ଘଟଣା

# ଅଭିଯୁକ୍ତକୁ ବାନ୍ଧିଲା ପୁଲିସ

● ଦାଦାବଟି ସଂଗ୍ରହରୁ ବଢ଼ିଥିଲା ତିକ୍ତତା




ଢେଙ୍କାନାଳ,୬।୧ (ସମିସ)

ଢେଙ୍କାନାଳ ଜିଲ୍ଲା ମୋଟଙ୍ଗା ଥାନା ଅନ୍ତର୍ଗତ ଏକଘରିଆ ଗ୍ରାମରେ ଦାଦାବଟିକୁ କେନ୍ଦ୍ରକରି ଜନୈକ ଯୁବକକୁ ଭୁଜାଲିରେ ହାଣି ବ୍ରାହ୍ମଣୀ ନଦୀରେ ମାରି ପକାଇବା ଘଟଣାରେ ପୁଲିସ ଅଭିଯୁକ୍ତକୁ ଗିରଫ କରିଥିବା ଜିଲ୍ଲା ପୁଲିସ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସପି ଜ୍ଞାନରଞ୍ଜନ ମହାପାତ୍ର ପ୍ରକାଶ କରିଛନ୍ତି । ଅନୁଗୁଳ ଜିଲ୍ଲା କୋଲିଆରି ଥାନା ଅନ୍ତର୍ଗତ ଦେଉଳବେଡ଼ା ଗ୍ରାମର ବିଷ୍ଣୁପ୍ରସାଦ(୩୫) ନିଜକୁ ଜଣେ ବଡି ବିଲଡର ଭାବେ କହି ତାଳଚେର ଥାନା ଅନ୍ତର୍ଗତ ବାଲୁଗାଁ ଗ୍ରାମର ଦାସିଆ ଓରଫ୍ ଶ୍ରୀକାନ୍ତ ବେହେରା(୩୮)ଙ୍କୁ ଧମକଚମକ ଦେଇ ଦାଦାବଟି ଆଦାୟ କରୁଥିଲା । ଦାସିଆ ଦାଦାବଟି ଦେବାରେ ଅସମର୍ଥ ହୋଇ ନିଜ ଶଳା ମୋଟଙ୍ଗା ଥାନା ଅନ୍ତର୍ଗତ କୁସୁପଙ୍ଗା ଗ୍ରାମର ପିଙ୍କୁ ତରାଇ(୨୮) ର ସହାୟତା ଲୋଡ଼ିଥିଲା । ଗତ ଅକ୍ଟୋବର ୧୩ରେ ଦାସିଆ ପଇସା ଦେବା ପାଇଁ ବିଷ୍ଣୁପ୍ରସାଦକୁ ଏକ ମୋଟର ସାଇକଲରେ ଆଣିଥିଲା । ସେଠାରେ ୩ଜଣ ମଦ୍ୟପାନ କରିଥିଲେ । ବିଷ୍ଣୁପ୍ରସାଦ ଅତ୍ୟଧିକ ମଦ୍ୟପାନ କରିବା ପରେ ବେହୋସ ହୋଇପଡ଼ିଥିଲା । ବେହୋସ ଅବସ୍ଥାରେ ଶଳା ଭିଣୋଇ ରାତିରେ ମୋଟଙ୍ଗା ଥାନା ଏକଘରିଆ ଗ୍ରାମ ନିକଟରେ ଏକ ଭୁଜାଲିରେ ବିଷ୍ଣୁପ୍ରସାଦକୁ ହତ୍ୟାକରି ବ୍ରାହ୍ମଣୀ ନଦୀରେ ଫିଙ୍ଗିଦେଇଥିଲେ । ଏହି ଘଟଣାର ଛାନଭିନ୍ କରିବା ସମୟରେ ମୁଖ୍ୟ ଅଭିଯୁକ୍ତ ଦାସିଆ ଆତଙ୍କିତ ଅବସ୍ଥାରେ ଅକ୍ଟୋବର ୨୧ତାରିଖ ଦିନ ଗୋପାଳପ୍ରସାଦ ଥାନା ଅନ୍ତର୍ଗତ ଲକେଇପଶି ଗ୍ରାମରେ ନିଜ ଭଉଣୀ ଘରେ ଏକ ଆମ୍ବ ଗଛରେ ରଶି ଲଗାଇ ଆତ୍ମହତ୍ୟା କରିଥିଲା । ଏହି ଘଟଣାକୁ ନେଇ ପୁଲିସ ଛାନଭିନ କରିବା ପରେ ଗତ ଶୁକ୍ରବାର ସକାଳେ ଅନ୍ୟ ଅଭିଯୁକ୍ତ ପିଙ୍କୁକୁ ଟାଟା ଷ୍ଟିଲରେ ଶ୍ରମିକ ଭାବେ କାର୍ଯ୍ୟରତ ଥିବା ସମୟରେ ଗିରଫ କରିଥିଲା । ପିଙ୍କୁକୁ ପଚରାଉଚରା କରିବା ପରେ ସମସ୍ତ ଘଟଣା ପ୍ରକାଶ କରିଥିଲା । ତା'ଠାରୁ ହତ୍ୟାକାଣ୍ଡରେ ବ୍ୟବହୃତ ଭୁଜାଲିକୁ ପୁଲିସ ଜବତ କରି ମୋଟଙ୍ଗା ଥାନା କେସ ନଂ. ୩୦୩/୨୩ ଦଫା ୩୦୨ ଓ ୨୦୧ ଆଇପିସିରେ ଗିରଫ କରିଛି । ଏହି ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଏସପି ସୂର୍ଯ୍ୟମଣି ପ୍ରଧାନ, ସଦର ଏସଡିପିଓ ବିଭୁତି ଭୂଷଣ ମହାପାତ୍ର, ମୋଟଙ୍ଗା ଥାନା ଅଧିକାରୀ ଜିତେନ୍ଦ୍ର କୁମାର ମଲ୍ଲିକ ଉପସ୍ଥିତ ଥିଲେ ।

## ତାଳଚେର ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ସଡ଼କ ସୁରକ୍ଷା ସପ୍ତାହ




**ତାଳଚେର,୬ ।୧(ସମିସ):** ତାଳଚେର ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଜାନୁଆରୀ ୧ ତାରିଖରୁ ୭ ତାରିଖ ଯାଏଁ 'ସଡ଼କ ସୁରକ୍ଷା ସପ୍ତାହ-୨୦୨୪' ପାଳନ କରାଯାଉଛି । ଏହି ପରିପ୍ରେକ୍ଷୀରେ ବିଭାଗ ପକ୍ଷରୁ ସପ୍ତାହବ୍ୟାପୀ ସଡ଼କ ସୁରକ୍ଷା ସଚେତନତା ସମ୍ବନ୍ଧୀୟ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ଚଳିତ ବର୍ଷର ଶୀର୍ଷକ ରହିଛି 'ସଡ଼କ ସୁରକ୍ଷା, ପରିବାର ରକ୍ଷା' । ସ୍ଥାନୀୟ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟ ସହଯୋଗରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସଚେତନତା ଶୋଭାଯାତ୍ରା ଆୟୋଜନ କରାଯାଇଛି । ଡାକବାଜି ଯନ୍ତ୍ର ଓ ପ୍ଲା କାର୍ଡ ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଇଥିଲା । ଷଷ୍ଠ ଦିନରେ ସରସ୍ୱତୀ ଶିଶୁ ମନ୍ଦିରର ଛାତ୍ରଛାତ୍ରୀଙ୍କୁ ନେଇ ବିଭାଗ ତରଫରୁ ଏକ ସଚେତନତା ଶୋଭାଯାତ୍ରା ତାଳଚେର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରୁ ପରିବହନ କାର୍ଯ୍ୟାଳୟ ଠାରେ ସମ୍ପନ୍ନ ହୋଇଥିଲା । ଏଥିସହିତ ପ୍ରତିଦିନ ପରିବହନ ବିଭାଗ ତରଫରୁ ସଚେତନତା ରଥ ରାସ୍ତାଘାଟ, ଜନଗହଳି ସ୍ଥାନ, ବଜାର ହାଟ ଆଦି ବିଭିନ୍ନ ସ୍ଥାନ ପରିକ୍ରମା କରିବା ସହ ପଥପ୍ରାନ୍ତ ନାଟକ ଜରିଆରେ ମଧ୍ୟ ଜନସଚେତନ କାର୍ଯ୍ୟକ୍ରମ କରାଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ପରିବହନ ବିଭାଗର ଅଧିକାରୀ, ସମାଜସେବୀ ବାପି ମହାନ୍ତି ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଅଂଶଗ୍ରହଣ କରିଥିଲେ ।

## ଏଚ୍‌ଏମ୍‌ଏସ୍ ପକ୍ଷରୁ ଗଣଧାରଣା

**ତାଳଚେର ସଦର ,୬ ।୧(ସମିସ):** ଏଚ୍‌ଏମ୍‌ଏସ୍ ଶ୍ରମିକ ସଂଗଠନର ସାଧାରଣ ସମ୍ପାଦକ ଶଙ୍କର ବେହେରାଙ୍କ ନେତୃତ୍ୱରେ ଆଜି ଏକଦଫା ଦାବିନେଇ ଅନନ୍ତ ଓସିପି କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣାରେ ବସି ରହିଥିଲେ । ତାଙ୍କର ଦାବି ସେଫ୍ଟି କମିଟିର ସଦସ୍ୟ ସଂଖ୍ୟାକୁ ମୁଖ୍ୟ କାର୍ଯ୍ୟାୟ ପକ୍ଷର କାଣ୍ଟଛାଟ କରାଯାଇଛି । ଏହାକୁ କେନ୍ଦ୍ରକରି ଏହି ୟୁନିୟନର ତାଳଚେରର ସମସ୍ତ କୋଇଲା ଖଣି ଗୁଡ଼ିକର ସଭାପତି, ସମ୍ପାଦକ ଓ ଶତାଧିକ ଶ୍ରମିକ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ । ଫଳରେ କୋଇଲା ଖଣିଗୁଡ଼ିକରେ ସୁରକ୍ଷା ଦିବସ ଚାଲୁଥିବା ଯୋଗୁଁ ଏହି ଆନ୍ଦୋଳନକୁ ସ୍ଥଗିତ ରଖାଗଲା ବୋଲି ସଂଗଠନ ପକ୍ଷରୁ ଜଣାପଡ଼ିଛି । ଏହି ଆନ୍ଦୋଳନରେ ଅଭୟ ଗଡ଼ନାୟକ, ବିଶିକେସନ୍ ପ୍ରଧାନ, ଆଶିଷ କୁମାର ବାରି, ପଙ୍କଜ ପ୍ରଧାନ, କିଶୋର ସାହୁ, ଅଶ୍ୱିନୀ ପ୍ରଧାନ, ଦେବଗୁପ୍ତ ପ୍ରଧାନଙ୍କ ସମେତ ପ୍ରାୟ ୪୦୦ ଲୋକ ଉପସ୍ଥିତ ଥିଲେ ।



## ଜୟ ଜଗନ୍ନାଥ ଅର୍ପଣ ରଥ ପରିକ୍ରମା ନିମନ୍ତେ ପ୍ରସ୍ତୁତି ବୈଠକ



ଭୁବନ, ୬।୧(ସମିସ)

'ଆମ ଓଡ଼ିଶା,ନବୀନ ଓଡ଼ିଶା' ଅନ୍ତର୍ଗତ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଆସନ୍ତା ୧୭ ତାରିଖରେ ଲୋକାର୍ପଣ ହେବ । ଏଥି ସକାଶେ ସମସ୍ତ ଜଗନ୍ନାଥ ପ୍ରେମୀଙ୍କୁ ନିମନ୍ତ୍ରଣ କରାଯାଉଛି । ୭ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ଭୁବନ ବିଜ୍ଞାପିତ ଅଞ୍ଚଳ ପରିଷଦରେ ଜୟ ଜଗନ୍ନାଥ ଅର୍ପଣ ରଥ ପରିକ୍ରମା କରିବ । ଏଥି ନିମନ୍ତେ ଏନ୍ ଏ ସି ସଦଭାବନା ଗୃହରେ ନଗରପାଳ ଶୁଭେନ୍ଦୁ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ୭ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ଅର୍ପଣ ରଥ ପ୍ରତି ୱାର୍ଡରେ ପରିକ୍ରମା କରି ପ୍ରତିଘରୁ ମୁଠାଏ ଅରୁଆ ଚାଉଳ ଓ ଗୋଟାଏ ଗୁଆ ସଂଗ୍ରହ କରିବ । ସମଗ୍ର ଭୁବନବାସୀ ଅର୍ପଣ ରଥକୁ ସ୍ୱାଗତ କରିବା ସହିତ ବନ୍ଦାପନା କରିବାକୁ ନଗରପାଳ ନିବେଦନ କରିଥିଲେ । ୧୭ ତାରିଖ ପରିକ୍ରମା ପ୍ରକଳ୍ପ ଲୋକାର୍ପଣରେ ଶତାଧିକ ଜଗନ୍ନାଥ ପ୍ରେମୀ ପୁରୀ ଯିବେ ବୋଲି ସୂଚନା ଦେଇଥିଲେ । ଏହି ପ୍ରସ୍ତୁତି ବୈଠକରେ ନିର୍ବାହୀ ଅଧିକାରୀ ଅପୂର୍ବ ରଞ୍ଜନ ଆଇଚଙ୍କ ସମେତ କାଉନସିଲର ଗିରିଧାରୀ ସାହୁ, ପପୁ କୁମାର ସାହୁ, ନରେନ୍ଦ୍ର କୁମାର ବେହେରା, ଉପ ନଗରପାଳ ମାନିନୀ ସାହୁଙ୍କ ସମେତ ବିଭିନ୍ନ ବଜାର ସଭାପତି ଯୋଗ ଦେଇଥିଲେ ।

## ତାବଡ଼ା ଗ୍ରାମରେ ଜାତୀୟ ପକ୍ଷୀ ଦିବସ ପାଳିତ

**ଅନୁଗୋଳ,୬।୧(ସମିସ):** ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରକୃତି ପରିବେଶ ଓ ବନ୍ୟଜୀବନ ସମିତି ପକ୍ଷରୁ ଜାତୀୟ ପକ୍ଷୀ ଦିବସ ଅନୁଗୋଳ ବନଖଣ୍ଡର ଜରପଡ଼ା ବନାଞ୍ଚଳ ଅନ୍ତର୍ଗତ ତାବଡ଼ା ଗ୍ରାମରେ ପାଳିତ ହୋଇଯାଇଛି । ଅନ୍ତୁଳିଆ ଗ୍ରାମ ପଞ୍ଚାୟତର ସରପଞ୍ଚ ମଧୁସ୍ମିତା ସାହୁ, ସମିତିସଭ୍ୟା ନମିତା ସାହୁ, ପରିବେଶ ପ୍ରେମୀ ପ୍ରସନ୍ନ କୁମାର ବେହେରା, ଜରପଡ଼ା ବନାଞ୍ଚଳ ଅଧିକାରୀ ମାଧବ ନାଏକ, ରବିନ୍ଦ୍ର କୁମାର ସାହୁ, ରାଜେନ୍ଦ୍ର କୁମାର ପ୍ରଧାନ , ଦୀନବନ୍ଧୁ ସାହୁ ଆଲୋଚନାରେ ଭାଗ ନେଇଥିଲେ । ବନରକ୍ଷୀ ଲଳିତା ସେଠୀ ଅନୁଷ୍ଠାନର ଚନ୍ଦନ ନାଏକ, ଯଶୋବନ୍ତ ସାହୁ ଆୟୋଜନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।




### କେନ୍ଦ୍ରର କଳା ଆଇନକୁ ଡ୍ରାଇଭର ସଂଘର ବିରୋଧ

## ଓଡ଼ିଶା ଡ୍ରାଇଭର ମହାସଂଘର ବିରୋଧକୁ କଣିହା ଶାଖାର ସମର୍ଥନ



**କଣିହାଁ, ୬।୧(ସମିସ):** ସର୍ବଭାରତୀୟ ଡ୍ରାଇଭର୍ ମହାସଂଘ ପକ୍ଷରୁ କେନ୍ଦ୍ର ସରକାରଙ୍କ ଦ୍ୱାରା ଡ୍ରାଇଭରଙ୍କ ବିରୋଧରେ କଠୋର ଆଇନ ଲାଗୁ କରାଯିବା ବିରୋଧରେ ଓଡିଶା ଡ୍ରାଇଭର୍ ମହାସଂଘ ଆହ୍ୱାନ କ୍ରମେ ଓଡ଼ିଶା ଡ୍ରାଇଭର ସଂଘ କଣିହା ଶାଖା ପକ୍ଷରୁ ସମର୍ଥନ ପ୍ରଦାନ କରାଯାଇଛି । କଣିହା ବ୍ଲକ ଅନ୍ତର୍ଗତ ବିଜିଗୋଳ ପଞ୍ଚାୟତ ଅଧୀନସ୍ଥ ଆମ୍ରପାଳ ଲେବେଲ କ୍ରସିଂ ନିକଟ ୫୩ ନମ୍ବର ଜାତୀୟ ରାଜପଥ କଡ଼ରେ କଣିହା ଶାଖା ସଭାପତି ବିପିନୀ ପ୍ରଧାନ ସହ ସମ୍ପାଦକ ଧୀରେନ୍ଦ୍ର କୁମାର ବିଶ୍ୱାଳ ଓ ଉପ ସଭାପତି ପ୍ରଶାନ୍ତ ସାହୁଙ୍କ ନେତୃତ୍ୱରେ ଶନିବାର ୨୭ଟି ପଞ୍ଚାୟତର ସମସ୍ତ ସଭାପତି ସମ୍ପାଦକ ଏବଂ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ଧାରଣା ଜାରି ରଖିଛନ୍ତି । କଳା ଆଇନକୁ ବିରୋଧ କରି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ବିରୋଧରେ ବିଭିନ୍ନ ନାରାବାଜି ଦିଆଯାଇଛି ।




## ଷ୍ଟିୟରିଂ ଛାଡ଼ ଆନ୍ଦୋଳନକୁ ଡ୍ରାଇଭର ସଂଘର ସମର୍ଥନ

**କିଶୋରନଗର, ୬।୧(ସମିସ):** ସର୍ବଭାରତୀୟ ଡ୍ରାଇଭର ସଂଘର ଷ୍ଟିୟରିଂ ଛାଡ଼ ଆନ୍ଦୋଳନକୁ ସମର୍ଥନ କରି କିଶୋରନଗର ବ୍ଲକର ଦୋହଲି ଛକଠାରେ କଦଳୀ ମୁଣ୍ଡା, ରଣିଆକଟା ଓ ହିମିତିରା ପଞ୍ଚାୟତର ୪୦୦ ରୁ ଊର୍ଦ୍ଧ୍ୱ ଡ୍ରାଇଭର ସଂଘର କର୍ମକର୍ତ୍ତା ଆନ୍ଦୋଳନ କରି କେନ୍ଦ୍ର ସରକାରଙ୍କ ବୈମାତୃକ ମନୋଭାବକୁ କଡ଼ା ସମାଲୋଚନା କରିଛନ୍ତି । ଡ୍ରାଇଭର ସଂଘର ନ୍ୟାର୍ଯ୍ୟ ଦାବିକୁ ସମର୍ଥନ ଜଣାଇ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ଡ୍ରାଇଭର ସଂଘ ଧାରଣା ସ୍ଥଳକୁ ଯାଇ ସଂଘ ବିଭିନ୍ନ ସମସ୍ୟା ଓ ଦାବିକୁ ସରକାଙ୍କ ଦୃଷ୍ଟି ଆକର୍ଷଣ କରିବେ ବଲି ପ୍ରତିଶ୍ରୁତି ଦେଇଛନ୍ତି । କଦଳୀ ମୁଣ୍ଡା ସଂଘର ସଭାପତି ପିଣ୍ଟୁ ପ୍ରଧାନ, ହିମିତିରା ସଂଘର ସଭାପତି ହରିବନ୍ଧୁ ବାଘ, ରଣିଆକଟାର ଛିତରଂଜନ ପ୍ରଧାନ, ବସନ୍ତ ବିଶ୍ୱାଳ, ଧନଞ୍ଜୟ ବିଶ୍ୱାଳ, କୁମୁଦ ଚନ୍ଦ୍ର ପ୍ରଧାନ, ସିଲୁ ନାଏକ, ରମାକାନ୍ତ ରାଉଳ, ଶ୍ରୀକାନ୍ତ ରାଉଳ, ପ୍ରମୁଖ ସାମିଲ ଥଲେ ।



● 'ଯୁବ ଓଡ଼ିଶା ନବୀନ ଓଡ଼ିଶା' କ୍ରୀଡ଼ା ପ୍ରତିଯୋଗିତା

# ଦେଉଳବେଡ଼ା ସ୍କୁଲ ଚାମ୍ପିଅନ




**ଡେରା,୬।୧(ସମିସ):** ଗତ ତିନିଦିନ ଧରି ତାଳଚେର ପୌର ପରିଷଦ ଆନୁକୂଲ୍ୟରେ ନୂଆ ଓଡିଶା, ଯୁବ ଓଡିଶା, ନବୀନ ଓଡିଶା କ୍ରୀଡ଼ା ପ୍ରତିଯୋଗିତା ହୋଇଯାଇଛି । ଏଥିରେ ବିଭିନ୍ନ ଖେଳ ସହ ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀ ଭାଗ ନେଇଥିଲେ । ଏହି ଖେଳରେ ଦେଉଳବେଡ଼ା କୋଲିୟରୀ ମଡେଲ ନୋଡାଲ ହାଇସ୍କୁଲ, ତାଳଚେରର ବାଳିକା ବିଭାଗ ଖୋ -ଖୋ ପ୍ରତିଯୋଗିତାରେ ଚାମ୍ପିଅନ ହୋଇ ପୁରସ୍କାର ରାଶି ୨୦ ହଜାର ଟଙ୍କା ସହିତ ଟ୍ରଫି ଅର୍ଜନ କରିଥିଲେ । ମୁଖ୍ୟ ଅତିଥି ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ ଓ ସମ୍ମାନିତ ଅତିଥି ତାଳଚେର ପୌରାଞ୍ଚଳର ଅଧ୍ୟକ୍ଷ ପବିତ୍ର ଭୂତିଆ ଏବଂ ପୌର ପରିଷଦ ନିର୍ବାହୀ ଅଧିକାରୀଙ୍କ ଉପସ୍ଥିତରେ ଖେଳାଳିଙ୍କୁ ଟ୍ରଫି ଏବଂ ଚେକ୍ ପ୍ରଦାନ କରାଯାଇଥିଲା ।



## ମାଲ୍ୟଗିରି ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

# ସମ୍ବଲପୁରୀ ନୃତ୍ୟ, ଐଶ୍ୱର୍ଯ୍ୟାଙ୍କ ସଂଗୀତ ଓ ବଣ୍ଟିଙ୍କ ଗୀତରେ ଝୁମିଲେ ଦର୍ଶକ








**ପାଲଲହଡ଼ା, ୬।୧(ସମିସ)**

ଶୁକ୍ରବାର ଠାରୁ ଅନୁଗୁଳ ଜିଲ୍ଲା ପାଲଲହଡ଼ା ଉପଖଣ୍ଡରେ ଆରମ୍ଭ ହୋଇଥିବା ମାଲ୍ୟଗିରି ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସତ୍ୟଜିତ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମହୋତ୍ସବର ମଞ୍ଚ ସ୍ଥାନୀୟ କଳାକାରଙ୍କ ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବାରେ ସହାୟକ ହେଉ ଏବଂ ମହୋତ୍ସବ ମାଧ୍ୟମରେ ସ୍ଥାନୀୟ ଲୋକକଳାକୁ ପ୍ରୋତ୍ସାହନ ମିଳୁ ବୋଲି ଅତିଥିମାନେ ନିଜ ଅଭିଭାଷଣରେ କହିଥିଲେ। ଦ୍ୱିତୀୟ ସନ୍ଧ୍ୟାରେ ସମ୍ମାନିତ ଅତିଥି ଭାବେ ପାଲଲହଡ଼ା ବିଡିଓ ଦିଲ୍ଲୀପ କୁମାର ବାରା ଏବଂ ସହକାରୀ ଜିଲ୍ଲାପାଳ ଶୁଭଶ୍ରୀ ଟୁଡୁ ଯୋଗ ଦେଇଥିଲେ। ପାଲଲହଡ଼ା ବିଧାୟକ ତଥା ମହୋତ୍ସବ କମିଟିର ଅଧ୍ୟକ୍ଷ ମୁକେଶ କୁମାର ପାଲ ସ୍ୱାଗତ ଭାଷଣ ଏବଂ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ପ୍ରସଙ୍ଗରେ ମାଲ୍ୟଗିରି ମହୋତ୍ସବର ଇତିହାସ ଏବଂ ସଂଘର୍ଷ ବିଷୟରେ ଆଲୋକପାତ କରିଥିଲେ। ପାଲଲହଡ଼ା ଉପଜିଲ୍ଲାପାଳ ତଥା ମହୋତ୍ସବ କମିଟିର ଆବାହକ ସୁଶାନ୍ତ କୁମାର ପତି ଉପସ୍ଥିତ ଥିଲେ । ଦ୍ୱିତୀୟ ସନ୍ଧ୍ୟାରେ ମାଲ୍ୟାଗିରି ମୁକ୍ତାକାଶ ରଙ୍ଗମଞ୍ଚରେ ରାଜ୍ୟ ସଂସ୍କୃତି ବିଭାଗ ଏବଂ ସ୍ଥାନୀୟ କଳାକାରଙ୍କ ଦ୍ୱାରା ସମ୍ବଲପୁରୀ ନୃତ୍ୟ ପରିବେଷଣ ଶୀତୁଆ ସନ୍ଧ୍ୟାକୁ ସରଗରମ କରିଥିବାବେଳେ ଦର୍ଶକ ଏହାକୁ ମନଭରି ଉପଭୋଗ କରିଥିଲେ । ଅନ୍ୟପଟେ ବଲିଉଡର ପ୍ରଖ୍ୟାତ ଗାୟିକା ଐଶ୍ୱର୍ଯ୍ୟା ପଣ୍ଡିତ ଏବଂ ତାଙ୍କ ଟିମର ସୁମଧୁର ସଂଗୀତ ପରିବେଷଣ ମହୋତ୍ସବର ଅଗଣିତ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ସେହିପରି ଓଡ଼ିଆ ଗାୟିକା ଶ୍ରୀଜିତା ଉପାଧ୍ୟାୟ ଏବଂ ହାସ୍ୟ ଅଭିନେତା ଅନୁଗୁଳିଆ ବଣ୍ଟିଙ୍କ ବ୍ୟଙ୍ଗ ଦର୍ଶକମାନଙ୍କୁ ବିମୋହିତ କରିଥିଲା।

## ମାଲ୍ୟଗିରି ମହୋତ୍ସବ ଉପଲକ୍ଷେ ରାଜ୍ୟସ୍ତରୀୟ କବି ସମ୍ମିଳନୀ

**ପାଲଲହଡ଼ା, ୬।୧(ସମିସ):** ଶନିବାର ପାଲଲହଡ଼ା ଷ୍ଟାଡିୟମ ପରିସର ଇଣ୍ଡୋର ହଲ ଠାରେ ମାଲ୍ୟାଗିରି ମହୋତ୍ସବ ୨୦୨୪ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ କବି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପାଲଲହଡା ସାମେଶ୍ୱର ସାହିତ୍ୟ ସଂସଦର ସଭାପତି ବେଣୁଧର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବରେ ବିଧାୟକ ମୁକେଶ ପାଲ, ସମ୍ମାନିତ ଅତିଥି ଭାବରେ ଓଡିଶା ଯୁବ ପରିଷଦର ଅଧ୍ୟକ୍ଷ କୁନ ବିହାରୀ ଦାଶ, ସମିତି ଅଧ୍ୟକ୍ଷା ମଞ୍ଚାସୀନ ଥିବା ବେଳେ ମାଲ୍ୟାଗିରି ମହାବିଦ୍ୟାଳୟ ଇତିହାସ ବିଭାଗ ଅଧ୍ୟାପକ ଡ଼ ପ୍ରଶାନ୍ତ କୁମାର ସାହୁ ସ୍ୱାଗତ ଭାଷଣ ଏବଂ ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ପ୍ରଦୀପ କୁମାର ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ସନ୍ତୋଷିନୀ ଗିରି ଓ ପ୍ରତାପ କୁମାର ଦ୍ୱିବେଦୀ କବିତା ସଂଯୋଜନା ଦାୟିତ୍ୱରେ ଥିଲେ। ଏହି କବି ସମ୍ମିଳନୀରେ ଢେଙ୍କାନାଳ, ଅନଗୁଳ, ଦେବଗଡ଼, କେନ୍ଦୁଝର, ଓ ସୁନ୍ଦରଗଡ଼ର ୬୦ କବି ଯୋଗଦେଇଥିବା ବେଳେ ୫୦ ଜଣ କବିତା ପାଠ କରିଥିଲେ। ଏହି ଅବସରରେ ସୁପ୍ରଭା ବିଶ୍ୱାଳ, ସୁଶିଲ ସାମଲ, କ୍ଷୀରଦିନି ପ୍ରଧାନ, ବିଜୟ ପ୍ରଧାନ, ଶଙ୍କର ପ୍ରସାଦ ଦେହୁରୀ, ପ୍ରଫୁଲ୍ଲ ମହାପାତ୍ର, ଦୁବ ରାଜ ମହାନ୍ତ, ନିରାକାର ଚଇନି, ସିଦ୍ଧି ପ୍ରସାଦ ସାହୁ ପ୍ରମୁଖ ୧୨ ଜଣ କବିଙ୍କୁ ସମ୍ମାନିତ କରାଯାଇଥିଲା।






ଡ୍ରାଇଭରଙ୍କ ଷ୍ଟିଅରିଂ ବନ୍ଦ ଡାକରା ପରେ କପିଳାସ ଫିଲିଂ ଷ୍ଟେସନ ବନ୍ଦ

## ଏନ୍‌ଟିପିସି ପୁଲିସ୍ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା



**କଣିହାଁ, ୬।୧(ସମିସ):** ଅନୁଗୁଳ ଜିଲ୍ଲା କଣିହାଁ ବ୍ଲକ ଏନ୍‌ଟିପିସି ପୁଲିସ୍ ପକ୍ଷରୁ ଶନିବାର ସଡ଼କ ସୁରକ୍ଷା ସପ୍ତାହ-୨୦୨୪ ଅବସରରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଜି ଅପରାହ୍ନ ୩ଟାରେ ବିଜିଗୋଳ ପଞ୍ଚାୟତ ହାଇସ୍କୁଲ୍ ଛାତ୍ରଛାତ୍ରୀଙ୍କୁ ନେଇ ଏକ ସଚେତନତା ରାଲି କରାଯାଇଥିଲା। ଶିକ୍ଷାନୁଷ୍ଠାନଠାରୁ ରାଲି ବାହାରି ଦୈନିକ ବଜାର ଦେଇ ଏନଟିପିସି ବାଇପାସ୍ ଛକ, ଲକ୍ଷ୍ମୀବଜାର ମାର୍କେଟ୍ ପରିକ୍ରମା କରି ଗାଡ଼ି ଚାଳକଙ୍କୁ ସଚେତନତା କରାଇଥିଲେ। ଏନଟିପିସି ଥାନା ଆଇଆଇସି ସନ୍ତୋଷ କୁମାର ସେଠୀ ନେତୃତ୍ୱ ନେଇଥିବା ବେଳେ ଅନ୍ୟ ପୁଲିସ୍ କର୍ମଚାରୀ, ଶିକ୍ଷକ, କର୍ମଚାରୀ ସାମିଲ୍ ଥିଲେ।

## ମାଧପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଯୋଗଦେଲେ ନୂଆ ଡାକ୍ତର

**ଆଠମଲ୍ଲିକ, ୬।୧ (ସମିସ):** ଆଠମଲ୍ଲିକ ବ୍ଲକ ମାଧପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନୂତନ ଡାକ୍ତର ଭାବେ ଶୁକ୍ରବାର ସୁଶ୍ରୀ ଡା. ଶୁଭଲକ୍ଷ୍ମୀ ମିଶ୍ର ଯୋଗଦାନ କରିଥିବା ଜଣାଯାଇଛି। ଡା. ସୁଶ୍ରୀ ଶୁଭଲକ୍ଷ୍ମୀ ଗତ ୨୮ ତାରିଖରେ ଭୁବନେଶ୍ୱର ଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟରୁ ନିଯୁକ୍ତିପତ୍ର ପାଇବା ପରେ ଗତ ଗୁରୁବାର ଜିଲ୍ଲା ସଦର ମହକୁମା ଜିଲ୍ଲା ଚିକିତ୍ସା ଅଧିକାରୀଙ୍କ ନିକଟରେ ଯୋଗଦେଇଥିଲେ। ଜିଲ୍ଲା ଚିକିତ୍ସାଧିକାରୀଙ୍କ ଆଦେଶ ସଂଖ୍ୟା ୨୮ ତା ୪ /୧ /୨୪ ଅନୁଯାୟୀ ସେ ମାଧପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ର ଗୋଷ୍ଠୀ ଉନ୍ନୟନ ସ୍ୱାସ୍ଥ୍ୟ ଅଧିକାରୀ ତଥା ଉପଖଣ୍ଡ ଚିକିତ୍ସାଳୟ ଅଧିକ୍ଷକ ଡା. ଅଶୋକ କୁମାର ମଲିକଙ୍କୁ ନିଜର ଯୋଗଦାନ ପତ୍ର ପ୍ରଦାନ କରିଥିବା ଜଣାଯାଇଛି। ସେ ଆଠମଲ୍ଲିକ ସହରର ବରିଷ୍ଠ ଆଇନଜୀବୀ ବାମନ କୁମାର ମିଶ୍ରଙ୍କ ସୁପୁତ୍ରୀ ଅଟନ୍ତି।



### • ଜଂଘାଦେବ ମନ୍ଦିର ପ୍ରତିଷ୍ଠା ସମାରୋହ

## ସାଂସଦ ମାନସ ମଙ୍ଗରାଜଙ୍କୁ ଗୋଣ୍ଡ ସମାଜର ନିମନ୍ତ୍ରଣ



**କିଶୋରନଗର, ୬।୧(ସମିସ):** ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀର ଆମ୍ବସରମୁଣ୍ଡାରେ ଗୋଣ୍ଡ ସମାଜର ଆରାଧ୍ୟ ଦେବତା ଜଂଘାଦେବଙ୍କ ନୂତନ ମନ୍ଦିରର ପ୍ରତିଷ୍ଠା ଓ ଦାରୁ ବିଗ୍ରହ ପ୍ରତିଷ୍ଠା ସମାରୋହ ପାଳନରେ ଯୋଗଦେବା ପାଇଁ ଗୋଣ୍ଡ ସମାଜ ତରଫରୁ ଗତକାଲି ସମ୍ବଲପୁର ସର୍କିଟ୍ ହାଉସରେ ସମ୍ବଲପୁର ସଂସଦୀୟ କ୍ଷେତ୍ର ବିଜେଡି ପର୍ଯ୍ୟବେକ୍ଷକ ତଥା ରାଜ୍ୟ ସଭା ସାଂସଦ ମାନସ ମଙ୍ଗରାଜଙ୍କୁ କାର୍ଯ୍ୟକ୍ରମରେ ଯୋଗଦେବାକୁ ନିମନ୍ତ୍ରଣ ପ୍ରଦାନ କରିଛନ୍ତି। ଗୋଣ୍ଡ ସମାଜର ନିମନ୍ତ୍ରଣ ରକ୍ଷାକରି ଆସନ୍ତା ୧୫ ତାରିଖରେ ଯୋଗଦେବାକୁ ଶ୍ରୀ ମଙ୍ଗରାଜ ସହମତି ପ୍ରଦାନ କରିଛନ୍ତି। ଏହି ନିମନ୍ତ୍ରଣ ପ୍ରଦାନ ବେଳେ ସର୍ବଭାରତୀୟ ଗୋଣ୍ଡ ସମାଜର ମହାସଚିବ ପ୍ୟାରୀମୋହନ ନାୟକ, ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ, ଜିଲ୍ଲା ପରିଷଦ ସଭ୍ୟ ଯୁଧିଷ୍ଠିର ସିଂହ ଉପସ୍ଥିତ ଥିଲେ।

## ଜିଲ୍ଲାସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ




**ଅନୁଗୋଳ, ୬।୧(ସମିସ):** ପୂର୍ବାହ୍ନରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଜିଲ୍ଲାସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ଓଡିଶା ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଡ. ମୀନତି ବେହେରାମୁ ଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସତ୍ୟଜିତ ମିଶ୍ର ଏହି କାର୍ଯ୍ୟକ୍ରମରେ ଯୋଗଦେଇ ସୋସିଆଲ ମିଡିଆରେ ନିଜର ବ୍ୟକ୍ତିଗତ ତଥ୍ୟ ନଦେବା ପାଇଁ ପରାମର୍ଶ ଦେଇଥିଲେ। ଜିଲ୍ଲା ପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ , ମହିଳା କମିଶନର ପରାମର୍ଶଦାତା ଡ.ଏନ୍. ଟୁନା ସାହୁ, ସଦସ୍ୟା ସ୍ୱର୍ଣ୍ଣଲତା ସାମଲ ଓ ସିନିୟର ଫିଲଡ ଅଫିସର ଡିଏସପି ବିଜୟିନୀ ସଂ ପ୍ରମୁଖ ଏନେଇ ବିସ୍ତୃତ ବୁଝାଇଥିଲେ। ଆକସନ ଏଡ୍ ଜିଲ୍ଲା ସଂଯୋଜକ ସନ୍ତୋଷ କୁମାର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସିଡିପିଓ, ଅଙ୍ଗନବାଡ଼ି କର୍ମୀ, ଆଶା କର୍ମୀ ଓ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ପ୍ରମୁଖ ଯୋଗ ଦେଇଥିଲେ।

## ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀର ନୂତନ ଭୋଟର ତାଲିକା ପ୍ରକାଶ



**ଆଠମଲ୍ଲିକ, ୬।୧ (ସମିସ):** ଆଠମଲ୍ଲିକ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଶୁକ୍ରବାର ନୂତନ ସଂଶୋଧିତ ଭୋଟର ତାଲିକାକୁ ନିର୍ବାଚନ ମଣ୍ଡଳୀର ସହକାରୀ ନିର୍ବାଚନ ପଞ୍ଜିକରଣ ଅଧିକାରୀ ତଥା ଉପଜିଲ୍ଲାପାଳ ଜିତେନ୍ଦ୍ର କୁମାର ପାତ୍ର ପ୍ରକାଶିତ କରିଛନ୍ତି। ଆଠମଲ୍ଲିକ ବିଧାନସଭା ନିର୍ବାଚନ ମଣ୍ଡଳୀରେ ପୂର୍ବରୁ ମୋଟ ଭୋଟର ସଂଖ୍ୟା ଥିଲା ୨ଲକ୍ଷ ୧ ହଜାର ୩୪ ଥିଲା। ଭୋଟର ତାଲିକା ସଂଶୋଧିତ ହେବା ପରେ ବର୍ତ୍ତମାନ ନିର୍ବାଚନ ମଣ୍ଡଳୀର ସମୁଦାୟ ଭୋଟର ସଂଖ୍ୟା ହେଉଛି ୨ ଲକ୍ଷ ୮ହଜାର ୧୩୬ ହୋଇଛି। ଭୋଟର ତାଲିକା ସଂଶୋଧିତ ହେବା ପରେ ୧ ଲକ୍ଷ ୫ ହଜାର ୬୨୯ ପୁରୁଷ ଭୋଟର, ମହିଳା ଭୋଟର ୧ଲକ୍ଷ ୨ ହଜାର ୫୦୨, ବରିଷ୍ଠ ନାଗରିକ ଭୋଟର ୩୩୧୯, ଦିବ୍ୟାଙ୍ଗ ଭୋଟର ୨୫୮୪, ତୃତୀୟ ଲିଙ୍ଗୀ ଭୋଟର ୫ ଜଣଙ୍କ ସମେତ ନୂତନ ଯୁବ ଭୋଟରଙ୍କ ସଂଖ୍ୟା ୭୧୨୦ ହୋଇଛି।

## କରମଙ୍ଗା ସାହି ସମବାୟ ସମିତିରେ ଧାନମଣ୍ଡି ଉଦ୍‌ଘାଟିତ



**କିଶୋରନଗର, ୬।୧ (ସମିସ):** ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀର କରମଙ୍ଗା ସାହି ସେବା ସମବାୟ ସମିତିରେ ଚଳିତବର୍ଷ ଚାଷୀଙ୍କ ଖରିଫ ଧାନ ବକ୍ରୟ ପାଇଁ ଧାନମଣ୍ଡି ଉଦଘାଟିତ ହୋଇଯାଇଛି। ଏଥିରେ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ, ସଂଯୁକ୍ତ କେନ୍ଦ୍ର ସମବାୟ ବ୍ୟାଙ୍କ ଡାଇରେକ୍ଟର ସରୋଜ କୁମାର ନାୟକ ଯୋଗଦେଇ ଏହାର ଶୁଭାରମ୍ଭ କରିଛନ୍ତି। ଏଥିରେ ସମିତିର ସମ୍ପାଦକ, ଜନପ୍ରତିନିଧି ଉପସ୍ଥିତ ଥିଲେ।

## ଚାଳକଙ୍କ ବିକ୍ଷୋଭ ଯୋଗୁଁ କୋଇଲା ପରିବହନ ବନ୍ଦ



**ତାଳଚେର ସଦର, ୬।୧(ସମିସ):** ତାଳଚେରରେ ଗାଡ଼ିଚାଳକଙ୍କ ଆନ୍ଦୋଳନର ଜୋରଦାର ପ୍ରଭାବ ପଡିଥିବା ଦେଖିବାକୁ ମିଳିଛି। ଏହି ଆନ୍ଦୋଳନ ଫଳରେ ଯାତ୍ରୀଙ୍କଠାରୁ ଆରମ୍ଭ କରି ସବୁ ବର୍ଗର ପରିବହନ ଉପରେ ପ୍ରଭାବ ପଡିବା ସହିତ ତାଳଚେରରୁ କୋଇଲା ପରିବହନ କ୍ଷେତ୍ରରେ ଅଚଳାବସ୍ଥା ସୃଷ୍ଟି ହୋଇଛି। ସେହିପରି ତାଳଚେର ଏକ ଶିଳ୍ପାଞ୍ଚଳ ଓ ଖଣି ଖାଦାନ ଅଞ୍ଚଳ ହୋଇଥିବା କାରଣରୁ ଏଠାକୁ ବାହାରୁ ଆସୁଥିବା କଳ କାରଖାନାର ଯନ୍ତ୍ରପାତି ବାଟ ଘାଟରେ ଅଟକି ରହିଛି ବୋଲି ଜଣାପଡିଛି। ଏହି ଆନ୍ଦୋଳନ ଜାରି ରହିଲେ ପରିସ୍ଥିତ ଅଣାୟତ ହୋଇ ବିଭିନ୍ନ କଳ କାରଖାନା ଉପରେ ପଡିବ ବୋଲି ଆଶଙ୍କା ସୃଷ୍ଟି ହୋଇଛି।

## ଜାତୀୟ ବଲ୍ ବ୍ୟାଡମିଣ୍ଟନ ଖେଳିବାକୁ ଶୁଭଶ୍ରୀ ମନୋନୀତ



**କିଶୋରନଗର, ୬।୧(ସମିସ):** କିଶୋରନଗର ଡିମିରି ମୁଣ୍ଡାର ପ୍ରଦୀପ ବଡ଼ମାଳୀ ଓ ପୁଷ୍ପାଞ୍ଜଳି ବଡ଼ମାଳୀଙ୍କ ଝିଅ ଶୁଭଶ୍ରୀ ବଡ଼ମାଳୀ ଓଡ଼ିଶା ସିନିୟର ବାଳିକା ବଲ୍ ବ୍ୟାଡମିଣ୍ଟନ ଟିମରେ ସ୍ଥାନ ପାଇ ଆସନ୍ତାକାଲି ନାଗପୁରର ଯଦୁପୁରରେ ଜାତୀୟ ସ୍ତରୀୟ ହେବାକୁ ଥିବା ବଲ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଖେଳିବାକୁ ମନୋନୀତ ହୋଇଛନ୍ତି। ଶୁକ୍ରବାର ସେ ନାଗପୁର ଅଭିମୁଖେ ଯାତ୍ରା କରିଥିବା ବେଳେ ଅନୁଗୋଳ ବାଳିକା ବଲ୍ ବ୍ୟାଡମିଣ୍ଟନ ଟିମ୍ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। କିଶୋରନଗର ଅଞ୍ଚଳର ଶୁଭଶ୍ରୀ ଜାତୀୟ ସ୍ତରରେ ଖେଳିବାକୁ ଚୟନ ହୋଇଥିବା ଯୋଗଁ କିଶୋରନଗର ଅଞ୍ଚଳବାସୀଙ୍କ ତରଫରୁ ତାଙ୍କୁ ସ୍ୱାଗତ କରାଯାଇଛି। ପ୍ରକାଶଥାଉ କି, ଶୁଭଶ୍ରୀ କିଶୋରନଗର +୨ କଲେଜରେ ଅଧ୍ୟୟନ କରୁଛନ୍ତି।

## ରାଣୀପାର୍କ ଜଙ୍ଗଲରୁ ଚାଲିଛି ଅବାଧ ଗଛକଟା




**ତାଳଚେର, ୬।୧(ସମିସ):** ବହୁ ପୁରାତନ ରାଜାରାଜୁଡ଼ା ଅମଳରୁ ସହର ମଧ୍ୟରେ ୭ଶହ ଏକର ପରିମିତ ଜମିରେ ରାଣୀପାର୍କ ରହିଥିଲା। ଏହି ଜଙ୍ଗଲଟି ରାଜାଙ୍କ ନିକଟରେ ରହିଥିବା ସମୟରେ ଜଙ୍ଗଲଟିରେ ବହୁ ବଡ଼ ବଡ଼ ଗଛ ସହିତ ବିଭିନ୍ନ ପ୍ରକାର ଜୀବଜନ୍ତୁ ରହି ଆସୁଥିଲେ। ମାତ୍ର କାଳକ୍ରମେ ଏ ଜଙ୍ଗଲ ସରକାରଙ୍କ ହାତକୁ ଚାଲିଗଲା। ଏହାପରେ ଜଙ୍ଗଲର ଚତୁଃପାର୍ଶ୍ୱରେ ଥିବା ପାଚେରିକୁ ଭାଙ୍ଗି ଦୁର୍ବୃତ୍ତମାନେ ବିରାଟ ବିରାଟ ପୁରୁଣା ଗଛକୁ କାଟି ପଦା କରିଦେଲେ ଓ ଏଥିରୁ ଜୀବଜନ୍ତୁ କ୍ରମଶ ଲୋପ ପାଇଗଲେ। ଏହି ଜଙ୍ଗଲଟି ତାଳଚେରବାସୀଙ୍କ ବହୁ ଉପକାରରେ ଲାଗୁଥିଲା। ବହୁ ବାଦବିବାଦ ପରେ ୭ଟି ସରକାରୀ ସଂସ୍ଥା ପକ୍ଷରୁ ସ୍ଥାନୀୟ ବନବିଭାଗଙ୍କ ନେତୃତ୍ୱରେ ବ୍ୟାପକ ବୃକ୍ଷରୋପଣ କରାଗଲା। ଯାହା ହେଉ ପଛେ ଏହି ବୃକ୍ଷଗୁଡ଼ିକ ଜଙ୍ଗଲରେ ପରିଣତ ହୋଇଥିବା ବେଳେ ଏହାକୁ କିଛି ଦୁର୍ବୃତ୍ତ କାଟି ନେଉଥିବା ଅଭିଯୋଗ ହେଉଛି। ଏହି ପରିପ୍ରେକ୍ଷୀରେ ବନବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନଥିବାରୁ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଶିଳ୍ପନଗରୀ ତାଳଚେରରେ ମାତ୍ରାଧିକ ପ୍ରଦୂଷଣ ସହ ଉତ୍ତପ୍ତ ସହରଭାବେ ସରକାରୀ ସ୍ତରରେ ଗଣତି କରଯାଉଥିବା ବେଳେ ଯଦି ଏହି ରାଣୀପାର୍କ ଜଙ୍ଗଲ ନଷ୍ଟଭ୍ରଷ୍ଟ କରିଦିଆଯାଏ, ତେବେ ତାଳଚେର ପୌର ପରିଷଦର ୨୧ଗୋଟି ୱାର୍ଡ ସମେତ ନିକଟସ୍ଥ ଗ୍ରାମଗୁଡ଼ିକ ଏକ ସୁସ୍ଥ ବାତାବରଣରୁ ବଞ୍ଚିତ ହେବେ ବୋଲି ପରିବେଶବିତ୍ ମାନେ ମତପ୍ରକାଶ କରିଛନ୍ତି।

### ସରକାରୀ ଆମ୍ବୁଲାନ୍ସ ଚାଳକଙ୍କ ଘରୋଇ ହସ୍ପିଟାଲ ପ୍ରୀତି

## କମିଶନ ମିଳୁଛି ୫୦୦ରୁ ୧୫୦୦ ଟଙ୍କା



**ଅନୁଗୋଳ, ୬।୧ (ସମିସ)**

ଅନୁଗୋଳ ସରକାରୀ ହସ୍ପିଟାଲ ଆମ୍ବୁଲାନ୍ସ ଚାଳକଙ୍କ ଘରୋଇ ହସ୍ପିଟାଲ ପ୍ରୀତି ନେଇ ଏବେ ଅଭିଯୋଗ ହେଉଛି। ସରକାରୀ ଆମ୍ବୁଲାନ୍ସ ଚାଳକମାନଙ୍କ ମଧ୍ୟରୁ ଅନେକ ନିଜେ ଆମ୍ବୁଲାନ୍ସ କିଣି ଘରୋଇ ଭାବେ ଭଡ଼ା ଲଗାଇଛନ୍ତି। କଲ୍ ମିଳିଲେ ରୋଗୀ ସମ୍ପର୍କୀୟଙ୍କୁ ସରକାରୀ ହସ୍ପିଟାଲରେ ଟ୍ରିଟମେଣ୍ଟ ଠିକ୍ ହେଉନାହିଁ ବୋଲି ବୁଝାଇ ଘରୋଇ ହସ୍ପିଟାଲକୁ ନେଇ ଯାଉଛନ୍ତି। ସରକାରୀ ଆମ୍ବୁଲାନ୍ସ ଘରୋଇ ଡାକ୍ତରଖାନାକୁ ନେବା ବାରଣ ଥିଲେ ମଧ୍ୟ ଚାଳକମାନେ ବୁଝାସୁଝା କରି ଘରୋଇ ହସ୍ପିଟାଲକୁ ନେଉଛନ୍ତି। ରୋଗୀ ସମ୍ପର୍କୀୟ ଠାରୁ ଅଧିକ ପଇସା ନେବା ସହ ସେପଟେ ହସ୍ପିଟାଲରୁ ମଧ୍ୟ କମିଶନ ପାଉଛନ୍ତି। ଘରୋଇ ହସ୍ପିଟାଲ ରୋଗୀଙ୍କୁ ଶୋଷି ଚାଲିଥିବା ବେଳେ ସରକାରୀ ଗାଡ଼ିଚାଳକ ଗୋଟିଏ ପଟେ ବସି ବସି ସରକାରୀ ଦରମା ଉଠାଉଛନ୍ତି। ଅନ୍ୟପଟେ ନିଜ ଗାଡ଼ିରେ ରୋଗୀ ବୋହି ଦୁଇଗୁଣ ଲାଭ ଉଠାଉଛନ୍ତି। ଘରୋଇ ହସ୍ପିଟାଲ କର୍ତ୍ତୃପକ୍ଷ ଏବେ ଡ୍ରାଇଭର ପିଛା ୫୦୦ ରୁ ୧୫୦୦ ଟଙ୍କା ଲେଖାଏ ଦେଉଥିବା ଜଣାପଡିଛି। ପେସେଣ୍ଟ ରେଜିଷ୍ଟରରୁ ଆମ୍ବୁଲାନ୍ସ ଚାଳକକୁ ଦଲାଲି କମିଶନ ମିଳୁଥିବା ନେଇ ଅଭିଯୋଗ ହେଉଛି। ମେଡିକାଲ କର୍ତ୍ତୃପକ୍ଷ ଏହାର ତଦନ୍ତ କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହେଉଛି।

## ଜଳିଗଲା ୩ ବଖରା

**ରାଜନଗର,୬ା୧(ସମିସ):** ରାଜନଗର ବ୍ଲକ ରଙ୍ଗଣୀ ପଞ୍ଚାୟତ ନାରାୟଣପୁର ଗାଁରେ ଆଜି ବିଦ୍ୟୁତ୍ ସର୍ଟସର୍କିଟରୁ ୩ ବଖରା ଘର ପୋଡି ପାଉଁଶ ହୋଇଯାଇଛି । ଅପରାହ୍ଣ ୩ଟାରେ ହଠାତ୍ ସହଦେବ ମଣ୍ଡଳଙ୍କ ଘରେ ନିଆଁ ଲାଗିଥିଲା । ଚାହୁଁ ଚାହୁଁ ଘର ପୋଡି ପାଉଁଶ ହୋଇଯାଇଥିଲା । ସମସ୍ତ ଆସବାବପତ୍ର ପୋଡି ପାଉଁଶ ହୋଇଯାଇଛି । ସରପଞ୍ଚ ଲୋପାମୁଦ୍ରା ଜେନା, ସମିତିସଭ୍ୟ ତପନ କୁମାର ସାହୁ, ତାଳଚୁଆ ସେବା ସମବାୟ ସମିତିର ସଭାପତି ବଳରାମ ମଣ୍ଡଳ ପ୍ରମୁଖ ବିପନ୍ନ ପରିବାରକୁ ଭେଟି ସହାୟତା ପ୍ରଦାନ କରିଛନ୍ତି ।

## ଜୟ ଜଗନ୍ନାଥ ଅର୍ପଣ ରଥ ପ୍ରସ୍ତୁତି ବୈଠକ

**ରାଜନଗର,୬ା୧(ସମିସ):** କୋଟି କୈବଲ୍ୟ ନାଥ ଓଡିଆ ପ୍ରାଣ ସ୍ପନ୍ଦନର ବଡ ଠାକୁରଙ୍କ ବିଜେସ୍ଥଳୀ ପୁରୀ ଶ୍ରୀକ୍ଷେତ୍ରରେ ଶ୍ରୀମନ୍ଦିର ପରିକ୍ରମା ପାର୍ବଣ ଆସନ୍ତା ୧୭ ତାରିଖରେ ଉଦ୍‌ଘାଟିତ ହେବ । ଏହି ଅବସରରେ ରାଜନଗର ବ୍ଲକ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ କରିଛନ୍ତି । ଏ ନେଇ ରାଜନଗର ଗ୍ରାମ ପଞ୍ଚାୟତ ତରଫରୁ ପଞ୍ଚାୟତର ବୁଦ୍ଧିଜିବୀ, ଲୋକ ପ୍ରତିନିଧି, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଅଙ୍ଗନୱାଡି କର୍ମୀ, ଆଶା କର୍ମୀ ମାନଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ସରପଞ୍ଚ ସୁଶ୍ରୀ ସଂଗୀତା ମିଶ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ସମିତିସଭ୍ୟା ସୁମିତ୍ରା ସେଠୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ ବିଜୟ କୁମାର ସେଠୀ ପ୍ରମୁଖ ଯୋଗଦେଇ ଚଳିତମାସ ୮ ତାରିଖ ସୋମବାର ଦିନ ରାଜନଗରସ୍ଥିତ ଦଧିବାମନଜୀଉ ମନ୍ଦିରରୁ ସୁସଜ୍ଜିତ ରଥ ରାଜନଗର ପଞ୍ଚାୟତର ବିଭିନ୍ନ ସାହି ଓ ୱାର୍ଡ ପରିକ୍ରମା କରି ଭକ୍ତମାନଙ୍କ ଠାରୁ ଅରୁଆ ଚାଉଳ ଓ ମାନସିକ ଗୁଆ ସଂଗ୍ରହ କରିବାର କାର୍ଯ୍ୟକ୍ରମ ରହିଛି । ପ୍ରତ୍ୟୁଷରୁ ମନ୍ଦିର ପରିସରରେ ନାମ ସଂକୀର୍ତନ କରାଯାଇ ଏହାକୁ ଶୁଭାରମ୍ଭ କରାଯିବ ବୋଲି କହିଥିଲେ ।ଏହି କାର୍ଯ୍ୟକ୍ରମରେ ଗାଁର ଚିତ ରଂଜନ ଦାସ, ନାରାୟଣ ସାହୁ, ଦତହରି ମଲ୍ଲିକ, ଅନିରୁଦ୍ଧ ପରିଡା, ଅଭିରାମ ଦାସ, ନିତ୍ୟାନନ୍ଦ ସେଠୀ, ଖଗେଶ୍ୱର ସେଠୀ, ପବିତ୍ର କୁମାର ସେଠୀ, ଦେବଦତ ସେଠୀ, ଉମେଶ ଚନ୍ଦ୍ର ଦାସଙ୍କ ସମେତ ପଞ୍ଚାୟତବାସୀ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମକୁ ଜିଆରଏସ ଇତିଶ୍ରୀ ମିଶ୍ର, ବାସୁଦେବ ସାହୁ, ପଞ୍ଚାନନ ବାରିକ ପ୍ରମୁଖ ପରିଚାଳନା କରିଥିଲେ ।

## ମୋ' ସେବା କେନ୍ଦ୍ର ଓ ବ୍ୟାଙ୍କିଙ୍ଗ୍ ସେବା ଉଦ୍‌ଘାଟିତ




**ରାଜନଗର,୬ା୧(ସମିସ):** ରାଜନଗର ବ୍ଲକ ଭିତରଗଡ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ 'ମୋ ସେବା କେନ୍ଦ୍ର' ଓ ବରୋଦା ବ୍ୟାଙ୍କିଂ ସେବା କେନ୍ଦ୍ର ଆଜି ଉଦ୍‌ଘାଟିତ ହୋଇଛି । ବିଧାୟକ ଧ୍ରୁବ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । କାର୍ଯ୍ୟକ୍ରମରେ ଭିତରଗଡ ସରପଞ୍ଚ ଇତିଶ୍ରୀ ମହାପାତ୍ର, ସମିତିସଭ୍ୟ ନର୍ମଦା ସେଠୀ, ଡେରା ସରପଞ୍ଚ ନିରଞ୍ଜନ ରାଉତ, କଣ୍ଡିରା ସମିତିସଭ୍ୟ ଆର୍ତ୍ତବନ୍ଧୁ ମହାନ୍ତି, ଚାନ୍ଦିବାଉଁଶମୂଳ ସରପଞ୍ଚ ଚିତ୍ତରଂଜନ ପଣ୍ଡା, ସମିତିସଭ୍ୟା ସସ୍ମିତା ସ୍ୱାଇଁ, ଭିତରଗଡ ପଞ୍ଚାୟତ ନିର୍ବାହୀ ଅଧିକାରୀ ବିଜୟ ସେଠୀ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ । କେନ୍ଦ୍ର ପରିଚାଳକ ତପନ କୁମାର ବେହୁରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

● ନଳିନୀକାନ୍ତ କଲେଜରେ ଯୁବ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ

## 'ସୁଦୃଢ ଶିକ୍ଷା ବ୍ୟବସ୍ଥା, ଦୀର୍ଘସ୍ଥାୟୀ ବିକାଶ ନବୀନଙ୍କ ମୂଳମନ୍ତ୍ର'




**ରାଜନଗର,୬ା୧(ସମିସ):** ରାଜନଗର ବ୍ଲକ ଚାନ୍ଦିବାଉଁଶମୂଳସ୍ଥିତ ନଳିନୀକାନ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସମନ୍ୱିତ ଯୁବ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି । ବର୍ଣ୍ଣାଢ୍ୟ ଉତ୍ସବରେ ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସୁଦୃଢ ଶିକ୍ଷା ବ୍ୟବସ୍ଥା, ଦୀର୍ଘସ୍ଥାୟୀ ବିକାଶ ଓ ଯୁବଶକ୍ତିର ପୂର୍ଣ୍ଣ ବିନିଯୋଗ ପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମୂଳମନ୍ତ୍ର ବୋଲି ମତ ପ୍ରକାଶ କରିଛନ୍ତି । ଅଧ୍ୟକ୍ଷ ଡଃ. ବ୍ରହ୍ମାନନ୍ଦ ତ୍ରିପାଠୀଙ୍କ ପୌରହିତ୍ୟରେ ଆୟୋଜିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ବିଧାୟକ ଶ୍ରୀ ସାହୁ ଶିକ୍ଷାବିନା ବିକାଶ ଅସମ୍ଭବ । ଆଜିର ଛାତ୍ର ଦୁର୍ବଳତାକୁ ଶକ୍ତିରେ ପରିଣତ କରି ନିର୍ଦ୍ଦିଷ୍ଟ ସ୍ୱପ୍ନ ନେଇ ଆଗକୁ ବଢିଲେ ସଫଳତା ପାଇବା ସହିତ ମୁଖ୍ୟମନ୍ତ୍ରୀଙ୍କ ନୂଆ ଓଡିଶା ଗଠନରେ ସହାୟକ ହେବ ବୋଲି କହିଥିଲେ । ମୁଖ୍ୟବକ୍ତା ଭାବେ ଶ୍ରୀ ଶ୍ରୀ ଜଗନ୍ନାଥ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଅତୁଳ ବଳ ଯୋଗ ଦେଇଥିଲେ । ସମ୍ମାନୀତ ବକ୍ତା ଭାବେ ବରିଷ୍ଠ ପତ୍ରକାର ଭାସ୍କର ରାଉତରାୟ, ଅଧ୍ୟାପିକା ଭଗବତୀ ନାୟକ, ସରପଞ୍ଚ ଚିତ ରଞ୍ଜନ ପଣ୍ଡା, ସମିତିସଭ୍ୟା ସସ୍ମିତା ସ୍ୱାଇଁ ପ୍ରମୁଖ ଯୋଗଦେଇ ନବୀନ ଓଡିଶା ଯୁବ ଓଡିଶା ଆଜି ସାରା ଦେଶରେ ରୋଲ ମଡେଲ ହେବାକୁ ଯାଉଛି ବୋଲି ମତ ରଖିଥିଲେ । ବରିଷ୍ଠ ଅଧ୍ୟାପକ ବନଜ କୁମାର ପରିଡା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ବିଧାୟକ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ର ଛାତ୍ରୀଙ୍କୁ ଟ୍ରଫି ସହ ମାନପତ୍ର ପ୍ରଦାନ କରିଥିଲେ ।

# ତୁଳସୀ କ୍ଷେତ୍ରରେ ଗଡ଼ିଲା ଜୟ ଜଗନ୍ନାଥ ଅର୍ପଣ ରଥ






**ଡେରାବିଶ/ଗରଦପୁର,୬ା୧(ସମିସ)**

ତୁଳସୀ କ୍ଷେତ୍ରର କୋଣ ଅନୁକୋଣକୁ ପରିକ୍ରମା କରିବ ଜୟ ଜଗନ୍ନାଥ ଅର୍ପଣ ରଥ । ଭାବର ଠାକୁରକୁ ଲୋକେ ଶ୍ରଦ୍ଧା ଓ ଭକ୍ତିର ସହ ସମର୍ପି ଦେବେ ଅରୁଆ ଚାଉଳ ଏବଂ ଗୁଆ । ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ଭବ୍ୟ ଓ ଦିବ୍ୟ କରିବା ନିମନ୍ତେ ରାଜ୍ୟ ସରକାରଙ୍କ ଏହି ଅଭିନବ ପଦକ୍ଷେପକ୍ରମେ ଆଜିଠାରୁ କେନ୍ଦ୍ରାପଡ଼ା ଜିଲ୍ଲାରେ ଏହି ରଥର ଶୁଭାରମ୍ଭ ହୋଇଥିବା ବେଳେ ଏହା ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ପରିକ୍ରମା କରିବ । ସମସ୍ତ ୯ଟି ବ୍ଲକ୍‌ରେ ୯ଟି ଅର୍ପଣ ରଥ ପରିକ୍ରମା କରିବ । ପ୍ରତ୍ୟେକ ପଞ୍ଚାୟତ ବୁଲି ଘରୁ ଘରୁ ଏହା ସଂଗ୍ରହ କରିବ ଅରୁଆ ଚାଉଳ ଏବଂ ଗୁଆ । ଓଡ଼ିଆ ଜାତିର ଅସ୍ମିତାର ପରିଚୟ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବରେ ଏହା ସମର୍ପିତ ହେବ । ଡେରାବିଶ ବ୍ଲକ୍‌ରେ ବିଡିଓ ଦାଶରଥି ଜେନା ଏହି ଅର୍ପଣ ରଥର ଶୁଭାରମ୍ଭ କରିଛନ୍ତି । ଏହି ରଥ ବିଭିନ୍ନ ଗାଁ ପରିକ୍ରମା କରି ସଂଗ୍ରହ କରିଥିବା ଅରୁଆ ଚାଉଳ ଓ ଗୁଆ ଆଣି ରଖିଛନ୍ତି ଲଛମନଜୀଉ ମନ୍ଦିରରେ । ଏହି ଶୁଭାରମ୍ଭ ଉତ୍ସବରେ ବ୍ଲକ୍ ଚେୟାରମ୍ୟାନ୍ ପ୍ରଭାତୀ ମଲ୍ଲିକ୍, ଭାଇସ୍ ଚେୟାରମ୍ୟାନ୍ ଦେବାଶିଷ ଆଚାର୍ଯ୍ୟ, ସ୍ଥାନୀୟ ସରପଞ୍ଚ, ସମିତିସଭ୍ୟ, ବହୁ ଜନପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ସଦସ୍ୟାମାନେ ଉପସ୍ଥିତ ଥିଲେ । ସେହିପରି ଗରଦପୁର ପଞ୍ଚାୟତ ଦ୍ୱାରା ଗରଦପୁର ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଓଡିଶା ସରକାରଙ୍କ ଜଗନ୍ନାଥ ପରିକ୍ରମା ରଥର ଶୁଭାରମ୍ଭ କରାଯାଇଛି । ଅର୍ପଣ ରଥର ଶୁଭାରମ୍ଭ ବିଡିଓ ପ୍ରଦ୍ୟୁମ୍ନ ନାୟକ କରିଥିଲେ ।

ଏହି କାର୍ଯ୍ୟକ୍ରମରେ ଗରଦପୁର ବ୍ଲକ ଅଧ୍ୟକ୍ଷ ଅଭୟ କୁମାର ମହାରାଜ, ରମାକାନ୍ତ ବେହେରା ଓ ଆତ୍ମା ଅଧ୍ୟକ୍ଷ ବାସୁଦେବ ବେହେରା, ମିଶନ ଶକ୍ତି ମା'ମାନେ ଓ ପଞ୍ଚାୟତର ମୁରବି ଓ ଯୁବକ, ସଂକୀର୍ତ୍ତନ ମଣ୍ଡଳୀ ପ୍ରମୁଖ ଯୋଗଦେଇ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇବା ସହ ଅକ୍ଷତ ଚାଉଳ ଓ ଗୋଟାଗୁଆ ପ୍ରତ୍ୟେକ ଜଗନ୍ନାଥ ପ୍ରେମିଙ୍କ ଠାରୁ ଘର ଘର ବୁଲି ଗ୍ରହଣ କରିଥିଲେ । ବିଭିନ୍ନ କୀର୍ତ୍ତନ ମଣ୍ଡଳୀଙ୍କ ନାମ ସଂକୀର୍ତ୍ତନ ସହ ଶଙ୍ଖ ଓ ଜୟ ଜଗନ୍ନାଥ ଧ୍ୱନୀରେ ସମଗ୍ର ପରିବେଶ ଜଗନ୍ନାଥମୟ ହୋଇ ଉଠିଥିଲା ।

## ଦିବାରାତ୍ର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ: ଭୈରବ ପଡ଼ିଆ ଟିମ୍ ଚାମ୍ପିଅନ୍



**ଡେରାବିଶ, ୬ା୧ (ସମିସ):** ଡେରାବିଶ ବ୍ଲକ ନରସିଂହପୁର ପଞ୍ଚାୟତ ଅନ୍ତର୍ଗତ ତିଲଙ୍ଗ କୋଠିଛକ ଠାରେ ହୃଦାନନ୍ଦ କ୍ରିକେଟ୍ ଆସୋସିଏସନ୍ ଦ୍ୱାରା ଆୟୋଜିତ ସପ୍ତମ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଂଟ ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ୍ ମ୍ୟାଚ୍‌ରେ ନରସିଂହପୁର ସରପଞ୍ଚ ସୁଧୀର କୁମାର ଖଟୁଆ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିବା ବେଳେ କେନ୍ଦ୍ରାପଡ଼ା ପ୍ଲବିକ ସ୍କୁଲର ପ୍ରତିଷ୍ଠାତା ପ୍ରାଧ୍ୟାପକ ଅଜୟ କୁମାର ରାଉତ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ହଳଦିଆ ସରପଞ୍ଚ ଜ୍ଞାନେନ୍ଦ୍ର ସାହୁ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ ।

ସାଲେପୁର ଏବଂ ଭୈରବ ପଡ଼ିଆ ଟିମ୍ ଫାଇନାଲରେ ପରସ୍ପରକୁ ଭେଟିଥିଲେ । ଏଥିରେ ଭୈରବ ପଡ଼ିଆ ଟିମ୍ ୫ ୱିକେଟ୍‌ରେ ସାଲେପୁରକୁ ହରାଇ ଚମ୍ପିଅନ୍ ହୋଇଛି । ଉଦ୍‌ଯାପନୀ ଉତ୍ସବରେ ପାଟକୁରା ବିଧାୟିକାଙ୍କ ପ୍ରତିନିଧି ତଥା ବିଜେଡ଼ି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଂଜୟ ଅଗ୍ରୱାଲ ଓ ସମ୍ମାନିତ ଅତିଥିଭାବେ ବିଜେଡ଼ି ରାଜ୍ୟ ସାଧାରଣ ସମ୍ପାଦକ ରବି ସାମଲ, ଡେରାବିଶ ବ୍ଲକ ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ, ଜିଲ୍ଲା ପରିଷଦ ସଦସ୍ୟ ଧନେଶ୍ୱର ସେଠୀ, ନରସିଂହପୁର ସରପଞ୍ଚ ସୁଧୀର ଖଟୁଆ, ଏଣ୍ଡର ସମବାୟ ସମିତ ସହକାରୀ ସମ୍ପାଦକ ମନୋରଞ୍ଜନ ସାହୁ ପ୍ରମୁଖ ଯୋଗଦେଇ ବିଜୟୀ ଦଳକୁ ଚାମ୍ପିଅନ ଓ ରନର୍ସଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ । ଉଭୟ ଉଦ୍‌ଘାଟନ ଓ ଉଦ୍‌ଯାପନ ସଭାରେ ହୃଦାନନ୍ଦ କ୍ରିକେଟ୍ ଆସୋସିଏସନ୍‌ର ସଭାପତି ବାୟୁନନ୍ଦନ ମିଶ୍ର ଅଧ୍ୟକ୍ଷତା କରିଥିବା ବେଳେ ସମ୍ପାଦକ ଶ୍ୟାମଳେନ୍ଦୁ ନାୟକ ବିବରଣୀ ପାଠ କରିଥିଲେ ।

## ରାଜନଗର ଆତ୍ମା କମିଟି ବୈଠକ

**ରାଜନଗର,୬ା୧(ସମିସ):** ରାଜନଗର କୃଷି ବିଭାଗ କାର୍ଯ୍ୟାଳୟରେ ଆତ୍ମା କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି । କମିଟିର ଅଧ୍ୟକ୍ଷ ଗୋବର୍ଦ୍ଧନ ପ୍ରଧାନଙ୍କ ପୌରହିତ୍ୟରେ ଅନୁଷ୍ଠିତ ବୈଠକରେ ଚାଷୀମାନଙ୍କର ବିଭିନ୍ନ ସମସ୍ୟା ଓ ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନାରେ ଆସୁଥିବା ସହାୟତା କେଉଁମାନେ ପାଉଛନ୍ତି ସେ ନେଇ ଆଲୋଚନା ହୋଇଥିଲା । ଚାଷୀମାନେ ଯେପରି ଠିକ୍ ସମୟରେ ବିହନ ପାଇବେ, ସେ ନେଇ ଆତ୍ମାର ଅଧ୍ୟକ୍ଷ ତାଗିଦା କରିଥିଲେ । ବୈଠକରେ ବ୍ଲକ କୃଷି ଅଧିକାରୀ ଦେବବ୍ରତ ସେଠୀ, ସହକାରୀ ମତ୍ସ୍ୟ ଅଧିକାରିଣୀ ମୋନାସିଲା ରାଉତ, ସହକାରୀ ଉଦ୍ୟାନ କୃଷି ଅଧିକାରୀ ତାପସ କୁମାର ବେହେରା, ମୃତ୍ତିକା ସଂରକ୍ଷଣ ବିଭାଗର କନିଷ୍ଠଯନ୍ତ୍ରୀ ଅସୀତ ଅଂଶୁମାନ ସାମଲ, ସହକାରୀ ପଶୁ ଚିକିତ୍ସା ଅଧିକାରୀ ପ୍ରକାଶ ଚନ୍ଦ୍ର ଜେନା, ମିଶନଶକ୍ତି ବ୍ଲକ ପ୍ରକଳ୍ପ ଅଧିକାରିଣୀ ସାଗରିକା ମଲ୍ଲିକ, ଶୈଳେନ୍ଦ୍ର କୁମାର ସ୍ୱାଇଁ ଓ ଆତ୍ମାର ସଦସ୍ୟ ଅରୁଣ କୁମାର ସାହୁ, ନଳିନୀ ରଂଜନ ରାଉତରାୟ, ଅଶୋକ କୁମାର ମହାନ୍ତି, ପ୍ରଣତି ପରିଡା, ସ୍ୱର୍ଣ୍ଣଲତା ମହାନ୍ତି, ମିନତୀ ନାୟକ, ସତ୍ୟଭାମା ସାହୁ, ଜଗନ୍ନାଥ ଦାସ, ପ୍ରଶାନ୍ତ ବିଶ୍ୱାଳ ପ୍ରମୁଖ ବୈଠକରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।




## ବିଚାରପତିଙ୍କ ଉଦ୍ୟମରେ ଯୋଡ଼ିହେଲା ଭଙ୍ଗା ସଂସାର

**କେନ୍ଦ୍ରାପଡ଼ା,୬ା୧(ସମିସ):** ପରିବାର ଅଦାଲତର ବିଚାରପତିଙ୍କ ଉଦ୍ୟମରେ ଭଙ୍ଗା ସଂସାର ଆଜି ଯୋଡ଼ି ହୋଇଛି । ପତିପତ୍ନୀ ମନୋମାଳିନ୍ୟ ଭୂଲି ପୁଣିଥରେ ଏକାଠି ରହିବାକୁ ନିଷ୍ପତି ନେଇଛନ୍ତି । ଏପରି ଦେଖିବାକୁ ମିଳିଥିଲା କେନ୍ଦ୍ରାପଡା ପରିବାର ଅଦାଲତରେ ।

କେନ୍ଦ୍ରାପଡା ସଦର ଥାନା ଅନ୍ତର୍ଗତ ଇଶାଣଡିଆ ଗ୍ରାମର ରାଜକିଶୋର ସାହୁଙ୍କ ପୁଅ ଜିତେନ୍ଦ୍ର କୁମାର ସାହୁ ୨୦୧୮ରେ କଟକ ମର୍କତନଗରର ବିଜୟ କୁମାର ପାତ୍ରଙ୍କ କନ୍ୟା କୁସୁମାଞ୍ଜଳୀଙ୍କୁ ବିବାହ କରିଥିଲେ । ସେମାନଙ୍କର ୨ଟି ପୁତ୍ର ସନ୍ତାନ ଅଛନ୍ତି । ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ କୌଣସି କାରଣରୁ ମନୋମାଳିନ୍ୟ ହେବାରୁ କୁସୁମାଞ୍ଜଳୀ ୨ପୁଅଙ୍କୁ ନେଇ କଟକ ମର୍କତନଗରସ୍ଥିତ ବାପଘରେ ରହିଲେ । ସ୍ୱାମୀ ଜିତେନ୍ଦ୍ର କେନ୍ଦ୍ରାପଡା ପରିବାର ଅଦାଲତରେ ପତ୍ନୀ କୁସୁମାଞ୍ଜଳୀଙ୍କୁ ଫେରାଇ ଆଣିବାକୁ ନିବେଦନ କରି ସିପି କେଶ ନମ୍ବର- ୩୫/ ୨୦୨୩ରେ ଏକ ମାମଲା ଦାୟର କରିଥିଲେ । କୁସୁମାଞ୍ଜଳୀ କେନ୍ଦ୍ରାପଡା ପରିବାର ଅଦାଲତର ଜଜ୍‌ଙ୍କ କୋର୍ଟରେ ଚଳିତମାସ ୪ତାରିଖରେ ହାଜର ହୋଇଥିଲେ । ପରିବାର ଅଦାଲତର ଜଜ୍ ବିକାଶ ଚନ୍ଦ୍ର ଦେଙ୍କ ସଫଳ ଉଦ୍ୟମ ଓ ବୁଝାମଣା ଯୋଗୁ ଶେଷରେ ଭାଙ୍ଗି ଯାଇଥିବା ଜିତେନ୍ଦ୍ର ଓ କୁସୁମାଞ୍ଜଳୀଙ୍କ ପରିବାର ପୁଣି ଯୋଡି ହୋଇଯିବା ସହ ଏକ ନୂତନ ଜୀବନ ଆରମ୍ଭ କରିବାକୁ ଉଭୟ ପତି ଓ ପତ୍ନୀ ଜଜ୍‌ଙ୍କ ନିକଟରେ ସମ୍ମତି ଜଣାଇଛନ୍ତି । ସେମାନଙ୍କ ପରିବାରର ପୁର୍ନମିଳନ ଘଟାଇ ଜଜ୍ ଶ୍ରୀ ଦେ ମାମଲାର ଅନ୍ତ ଘଟାଇଛନ୍ତି । ମାମଲାଟିକୁ ଅଦାଲତରେ ଜିତେନ୍ଦ୍ରଙ୍କ ପକ୍ଷରୁ ଆଇନଜୀବୀ ବିଚିତ୍ର କୁମାର ସାହୁ ପରିଚାଳନା କରୁଥିଲେ ।



## ଛାତ୍ରବତ୍ସଳ ଶିକ୍ଷକ କଳ୍ପତରୁ ରାଉଳଙ୍କ ସ୍ମୃତିସଭା

**ମାର୍ଶାଘାଇ,୬ା୧(ସମିସ):** ମାର୍ଶାଘାଇ ବ୍ଲକ କାନପୁର ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନଶିକ୍ଷକ କଳ୍ପତରୁ ରାଉଳଙ୍କ ଏକାଦଶାହରେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି । ଶିକ୍ଷକ ଲକ୍ଷ୍ମୀଧର ଲେଙ୍କାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଦଶିପୁର ସରପଞ୍ଚ ବିକ୍ରମ କେଶରୀ ଦାଶ, ମହାକାଳପଡ଼ ବ୍ଲକ ଶିକ୍ଷାଧିକାରୀ ତନ୍ମୟ କୁମାର ବେଉରା, ପଟ୍ଟାମୁଣ୍ଡାଇର ପ୍ରାକ୍ତନ ବ୍ଲକ ଶିକ୍ଷାଧିକାରୀ ଭ୍ରମରବର ରାଉତ, ଅଧ୍ୟାପକ ହାଡିବନ୍ଧୁ ଦାସ, ଅଧ୍ୟାପକ ସୁକାନ୍ତ ଦାସ, ଅନାମ ଜେନା, ନିମାଇଁ ବେହେରା, ଲକ୍ଷ୍ମୀଧର ଲେଙ୍କା, ନାରାୟଣ ପ୍ରସାଦ ପାଢ଼ୀ, ସୁଦର୍ଶନ ମାଝୀ, ନିର୍ମଳ ରାଉତ, ପ୍ରଦୀପ୍ତ ଲେଙ୍କା, ସଞ୍ଜୟ ଦାସ, ନିରଞ୍ଜନ ରାଉତ, ସଦାନନ୍ଦ ମହାନ୍ତି, ପୁରାତନ ଛାତ୍ର ଶଶିକାନ୍ତ ଦାସ, ଗୋପାଳ ପରିଡା, ଆର୍ତ୍ତ ରାଉଳ, ପବିତ୍ର ରାଉଳ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ସ୍ମୃତିଚାରଣ କରିଥିଲେ । ଚିତ୍ତରଞ୍ଜନ ରାଉଳ ଧନ୍ୟବାଦ ପ୍ରଦାନ କରିଥିଲେ ।




# ରାଜ୍ୟପାଳଙ୍କ ଦିନିକିଆ କେନ୍ଦ୍ରାପଡ଼ା ଗସ୍ତ

**କେନ୍ଦ୍ରାପଡ଼ା/ପଟ୍ଟାମୁଣ୍ଡାଇ, ଡେରାବିଶି, ୬ା୧(ସମିସ)**

ରାଜ୍ୟପାଳ ରଘୁବର ଦାସ ଶନିବାର କେନ୍ଦ୍ରାପଡା ଜିଲ୍ଲା ଗସ୍ତରେ ଯାଇ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା, ଅଙ୍ଗନବାଡି କର୍ମୀ, ଛାତ୍ରଛାତ୍ରୀଙ୍କୁ ଭେଟି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି । ପ୍ରଥମେ ବଳଦେବଜୀଉ ମନ୍ଦିରରେ ପୂଜାର୍ଚ୍ଚନା କରି ଓଡ଼ିଶାର ସମୃଦ୍ଧି କାମନା କରିଥିଲେ । ପରେପରେ ଜଝାଙ୍ଗ ଅଙ୍ଗନବାଡି କେନ୍ଦ୍ର, ସଂକଳ୍ପ ପ୍ରୋଜେକ୍ଟ(ଗୋଲ୍‌ଡେନ୍ ଗ୍ରାସ୍ ପ୍ରୋଜେକ୍ଟ, କାଇଁଚ ଶିଳ୍ପ) ବୁଲି ଦେଖିଥିଲେ । କଷଣଅଣ୍ଟାର ପଞ୍ଚାୟତ ହାଇସ୍କୁଲ୍, ଏସ୍‌ଆଇପିଟି-ଷ୍ଟେଟ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପ୍ଲମ୍ବିଙ୍ଗ୍ ଟେକ୍ନୋଲୋଜି ମଧ୍ୟ ପରିଦର୍ଶନ କରିଥିଲେ । ଏହାଛଡ଼ା ପଟ୍ଟାମୁଣ୍ଡାଇ ଅଡିଟୋରିଅମ୍‌ରେ ଚାଷୀ ଓ କୃଷକମାନଙ୍କସହ ଆଲୋଚନା କରିଥିଲେ ।

ଗାଙ୍ଗପଡ଼ାରେ ଆବାସ ଯୋଜନା ହିତାଧିକାରୀଙ୍କ ଗୃହ ପରିଦର୍ଶନ, ଇନ୍ଦୁପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ ସହିତ ଜିଲ୍ଲା ସଂସ୍କୃତି ଭବନଠାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ମିଶନଶକ୍ତି ସଦସ୍ୟାଙ୍କ ସହ ଆଲୋଚନା କରିଥିଲେ । କେନ୍ଦ୍ରାପଡ଼ା କୁଷ୍ଠ କଲୋନୀ ପରିଦର୍ଶନ କରି ଆବଶ୍ୟକ ସହାୟତା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଜଝାଙ୍ଗରୁ ଫେରୁଥିବାବେଳେ ସେହି ଗାଁର ମହିଳା ସସ୍ମିତା ତ୍ରିପାଠୀ ରାଜ୍ୟପାଳଙ୍କ କାର୍‌କେଡ ଭିତରେ ପଶି ଯାଇଥିଲେ । ତାଙ୍କର ଘର ନଥିବା କହିବାରୁ ରାଜ୍ୟପାଳ ଯାଇ ମହିଳାଙ୍କ ଘର ଦେଖି ଜିଲ୍ଲାପାଳଙ୍କୁ ଡାକି ତୁରନ୍ତ ଆବାସ ଯୋଜନାରେ ପକ୍କାଘର ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ଏହାଛଡ଼ା ଜିଲ୍ଲା ସଂସ୍କୃତି ଭବନଠାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ମିଶନଶକ୍ତି ସଦସ୍ୟାଙ୍କ ସହ ଆଲୋଚନା କରିଥିଲେ । ମାନ୍ୟବର ରାଜ୍ୟପାଳ କେନ୍ଦ୍ରାପଡା ଜିଲ୍ଲାର ଗୋଲରାହାଟରେ ଉତ୍କଳ ଗ୍ରାମୀଣ ପ୍ରତ୍ୟୁସର ଗ୍ରୁପ କେନ୍ଦ୍ର ପରିଦର୍ଶନ କରିଥିଲେ । ଏହିସବୁ ସ୍ଥାନରେ ଜିଲ୍ଲାପାଳ ଅମ୍ରିତ୍ ଋତୁରାଜ୍, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ମଡ୍‌କର୍ ସନ୍ଦୀପ୍ ସମ୍ପଦ୍, କେନ୍ଦ୍ରାପରା ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ରାଜେନ୍ଦ୍ର ପଣ୍ଡା, ଉପଜିଲ୍ଲାପାଳ ରବିନ୍ଦ୍ର ପ୍ରଧାନ, ଏସ୍‌ଡିପିଓ ଦେବେନ୍ଦ୍ର ମଲ୍ଲିକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।




● ଏକବିଂଶ ରାଜ୍ୟସ୍ତରୀୟ କେନ୍ଦ୍ରାପଡ଼ା ପୁସ୍ତକମେଳା ଉଦ୍‌ଘାଟିତ

# 'ମାନସିକ ପ୍ରଦୂଷଣ ରୋକିବାରେ ପୁସ୍ତକ ସହାୟକ ହେବ'

**କେନ୍ଦ୍ରାପଡ଼ା,୬ା୧(ସମିସ)**



ଏକବିଂଶ ରାଜ୍ୟସ୍ତରୀୟ କେନ୍ଦ୍ରାପଡ଼ା ପୁସ୍ତକମେଳା ସ୍ଥାନୀୟ ଟେଲିକମ୍ ପଡିଆରେ ଉଦଘାଟିତ ହୋଇଛି । ବିଶିଷ୍ଟ ସାହିତ୍ୟିକ ତଥା ପ୍ରାକ୍ତନ ରାଜ୍ୟ ନିର୍ବାଚନ କମିଶନର ଡକ୍ଟର ସଂଜୀବ ଚନ୍ଦ୍ର ହୋତା ମେଳାକୁ ଉଦଘାଟନ କରିଥିଲେ । ସେ କହିଲେ, ପୁସ୍ତକ ମେଳା ଆୟୋଜନ ଏକ ବୌଦ୍ଧିକ ଆନ୍ଦୋଳନ । ପୁସ୍ତକ ସହିତ ଏକ ଭାବପ୍ରବଣତା ଯୋଡ଼ି ହୋଇ ରହିଥାଏ । ମାନସିକ ପ୍ରଦୂଷଣକୁ ରୋକିବାରେ ପୁସ୍ତକ ସହାୟକ ହେବ ବୋଲି ସେ କହିଥିଲେ ।

ଉଦ୍‌ଘାଟନୀ ଉତ୍ସବର ମୁଖ୍ୟଅତିଥି କିଟ୍ ବିଶ୍ୱବିଦ୍ୟାଳୟର କୁଳପତି ତପନ କୁମାର ପଣ୍ଡା ସାହିତ୍ୟିକର ପୃଥିବୀ ଓ ପାଠକର ପୃଥିବୀ ସମ୍ପୂର୍ଣ୍ଣ ଗୋଟିଏ । ଉଭୟ ପରସ୍ପରର ପରିପୂରକ ବୋଲି କହିଥିଲେ । ସମ୍ମାନିତ ଅତିଥି ଡକ୍ଟର ସୁଧାକର କର ଭିତରକନିକା ଜାତୀୟ ଉଦ୍ୟାନ ମାନବ ସମାଜକୁ ପ୍ରକୃତିର ଶ୍ରେଷ୍ଠ ଉପହାର ବୋଲି କହିଥିଲେ । ମୁଖ୍ୟବକ୍ତା ଭାବେ ଯୋଗଦେଇ ପରିବେଶ ବିଜ୍ଞାନୀ ଜୟକୃଷ୍ଣ ପାଣିଗ୍ରାହୀ ବିଜ୍ଞାନ ଓ ପ୍ରଯୁକ୍ତିର ଅଗ୍ରଗତି ମାନବ ଜୀବନକୁ ଯେତିକି ସହଜ କରିଛି ସେତିକି ବ୍ୟତିବ୍ୟସ୍ତ କରି ପକାଇଛି । ତେବେ ଏହି ପରିବର୍ତ୍ତନ ସହିତ ଆମକୁ ଗ୍ରହଣ କରି ଆଗକୁ ବଢ଼ିବାକୁ ହେବ ବୋଲି କହିଥିଲେ । ପରିବେଶବିତ୍ ପ୍ରମୋଦ ଧଳ ପାଠକ ପୁସ୍ତକମେଳା ବୁଲି ଆସି ବହି ଦେଖିବା ଓ ଛୁଇଁବା ଦରକାର ବୋଲି କହିଥିଲେ । ଏ ଅବସରରେ କେମ୍‌ର ମୁଖପତ୍ର ଭିତରକନିକା ବିଶେଷାଙ୍କ ଉନ୍ମୋଚିତ ହୋଇଥିଲା । ଏହି ମଞ୍ଚରେ ଗୀତିକବି ବାବାଜୀ ଚରଣ ଉପାଧ୍ୟାୟଙ୍କ ଭଜନ ପୁସ୍ତକ ଭକ୍ତି ପଥ ଉନ୍ମୋଚିତ ହୋଇଥିଲା । ଇଞ୍ଜିନିୟର ଅକ୍ଷୟ କୁମାର ପାଣିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ କବି ନବଜ୍ୟୋତି ରାୟ ଅତିଥି ପରିଚୟ ପ୍ରଦାନ କରିଥିଲେ । ସମ୍ପାଦକ ମହମ୍ମଦ୍ ଜାହିଦ ଖାଁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ବଂଶୀଧର ମହାନ୍ତି, ସସ୍ମିତ ଶ୍ରୀଚନ୍ଦନ, ଉମାକାନ୍ତ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଶିକ୍ଷକ ନିଯୁକ୍ତି ପାଇଁ ବିଇଓଙ୍କୁ ଦାବିପତ୍ର



**ତିର୍ତ୍ତୋଲ, ୬ା୧(ସମିସ):** ତିର୍ତ୍ତୋଲ ବ୍ଲକ କାବଲପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଥିଲାବେଳେ ମାତ୍ର ୪ଜଣ ଶିକ୍ଷକ ଅଛନ୍ତି। ପ୍ରଧାନଶିକ୍ଷକ ପଦବୀ ଖାଲିପଡ଼ିଥିବାବେଳେ ସହକାରୀ ଶିକ୍ଷକ ସଦାଶିବ ନାୟକ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟ କରୁଛନ୍ତି। ସେ ଆସନ୍ତା ଜାନୁଆରୀ ୩୧ରେ ସେ ଅବସର ଗ୍ରହଣ କରିବେ। ତେଣୁ ଏହାକୁ ନେଇ ଅଭିଭାବକ ଓ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରଧାନ ଶିକ୍ଷକଙ୍କ ସହ ଆବଶ୍ୟକୀୟ ଶିକ୍ଷକ ନିଯୁକ୍ତି ପାଇଁ ଆଜି ସ୍ଥାନୀୟ ସରପଞ୍ଚ ସାଫି ଆଜମ, ପରିଚାଳନା କମିଟି ସଭ୍ୟ ଅଭିଭାବକ ଓ ଗ୍ରାମବାସୀ ମିନତୀ ପଣ୍ଡା, ବିଜୟ ଦାସ ଓ ଭବାନୀ ଶଙ୍କର ପଣ୍ଡା, ଭାସ୍କର ପଣ୍ଡା, ମହେଶ୍ୱର ପରିଡ଼ା, ରବୀନ୍ଦ୍ର ସ୍ୱାଇଁ ଓ ଜ୍ଞାନରଞ୍ଜନ ମହାନ୍ତି ପ୍ରମୁଖ ମଣ୍ଡଳ ଶିକ୍ଷା ଅଧିକାରୀ ଅକ୍ଷୟ କୁମାର ବେହେରାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିବା ସହ ଜଣେ ପ୍ରଧାନଶିକ୍ଷକ ଓ ଦୁଇ ଜଣ ସହକାରୀ ଶିକ୍ଷକଙ୍କୁ ନିଯୁକ୍ତି ଦେବାକୁ ଦାବି କରିଛନ୍ତି।

# ଜଗତସିଂହପୁର ଜିଲ୍ଲାରେ ବୁଲିଲା ଜୟ ଜଗନ୍ନାଥ ଅର୍ପଣ ରଥ

**ଜଗତସିଂହପୁର, ୬ା୧(ସମିସ)**

ଜଗତସିଂହପୁର ବ୍ଲକରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଜୟ ଜଗନ୍ନାଥ ଅର୍ପଣ ରଥକୁ ସରକାରୀ ମୁଖ୍ୟ ସଚେତକ ତଥା ଜଗତସିଂହପୁର ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି ଶୁଭାରମ୍ଭ କରିଛନ୍ତି। ଜଗନ୍ନାଥ ସଂସ୍କୃତିର ପ୍ରଚାର, ସଂରକ୍ଷଣ ଏବଂ ସୁରକ୍ଷା ନିମନ୍ତେ ଓ ସମଗ୍ର ଓଡ଼ିଶାର ଜନସାଧାରଣଙ୍କୁ ଏହି ମହାନ ସଂସ୍କୃତି ସହ ଜଡିତ କରିବା ପାଇଁ ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ଏହି ଅର୍ପଣ ରଥ କୀର୍ତ୍ତନ ମଣ୍ଡଳୀ ସହ ପରିକ୍ରମା କରି ପ୍ରତ୍ୟେକ ଗୃହରୁ ଭକ୍ତମାନଙ୍କଠାରୁ ପରିକ୍ରମା ପ୍ରକଳ୍ପ ପାଇଁ ଅରୁଆ ଚାଉଳ ଓ ଗୁଆ ସଂଗ୍ରହ କରିବ। ପଞ୍ଚାୟତସ୍ତରରେ ଏହି ସଂଗୃହୀତ ଅରୁଆ ଚାଉଳ ଓ ଗୁଆ ଗ୍ରାମ ପଞ୍ଚାୟତର ଏକ ମନ୍ଦିରରେ ରଖାଯିବ ଏବଂ ସେଠାରେ ଭକ୍ତ ଓ କୀର୍ତ୍ତନ ମଣ୍ଡଳୀଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯିବ। ପରେ ସମସ୍ତ ପଞ୍ଚାୟତରୁ ସଂଗ୍ରହ ଅରୁଆ ଚାଉଳ ଓ ଗୁଆକୁ



ବ୍ଲକ ସ୍ତରୀୟ ଏକ ମନ୍ଦିରରେ ରଖାଯିବ। ୬ ତାରିଖ ଠାରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟ ୧୫ ତାରିଖରେ ସମାପନ ହେବ। ଜଗତସିଂହପୁର ଜିଲ୍ଲାର ସମସ୍ତ ବ୍ଲକରେ ଏହି ଅର୍ପଣ ରଥର ଶୁଭାରମ୍ଭ ହୋଇଯାଇଛି। ପରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ଦର୍ଶନ ନିମନ୍ତେ ଜିଲ୍ଲାର ବିଭିନ୍ନ ବ୍ଲକରୁ ଭକ୍ତମାନେ ଯିବା ସମୟରେ ନିଜ ସହିତ ସଂଗୃହିତ ଅରୁଆ ଚାଉଳ ଓ ଗୁଆ ନେଇ ପୁରୀ ଶ୍ରୀମନ୍ଦିରରେ ପ୍ରଦାନ କରିବେ। ଜଗତସିଂହପୁର ବ୍ଲକରେ ଏହି ଜୟ ଜଗନ୍ନାଥ ଅର୍ପଣ ରଥର ଶୁଭାରମ୍ଭ ସମୟରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଭାପତି ମନୋଜ କୁମାର ଭୋଇ, ଜଗତସିଂହପୁର ବ୍ଲକ ଅଧ୍ୟକ୍ଷା କନକ ପ୍ରଭା ଲେଙ୍କା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆଶୁତୋଷ ମିଶ୍ର, ତହସିଲଦାର ତାରିଣୀ ରଞ୍ଜନ ରାୟ, ବ୍ଲକ ଉପାଧ୍ୟକ୍ଷ ରତିରଞ୍ଜନ ବେହେରା, ଏବିଡ଼ିଓ ଅଜୟ କୁମାର ବେହେରା, ବ୍ଲକ କଳା ସଂସ୍କୃତି ସଂଘ ଉପସଭାପତି ବନମାଳୀ ପତି, ଜଗତସିଂହପୁର ବ୍ଲକର ସମସ୍ତ କର୍ମଚାରୀ, ସଂକୀର୍ତ୍ତନ ମଣ୍ଡଳୀ, ସ୍ଥାନୀୟ ବୁଦ୍ଧିଜୀବୀ, ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ। ସେହିପରି ୧୭ ଜାନୁଆରୀ ୨୦୨୪ ଦିନ ହେବାକୁ ଥିବା ଶ୍ରୀ ମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକର୍ପଣ ଉତ୍ସବର ସିଧା ପ୍ରସାରଣ ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ବଡ ଏଲ୍‌ଇଡି ପରଦା ମାଧ୍ୟମରେ ଜନସାଧାରଣ ଦେଖିପାରିବା ନିମନ୍ତେ ବ୍ୟବସ୍ଥା କରାଯାଇଛି। ଜଗତସିଂହପୁର ଜିଲ୍ଲାରେ ଏହି ସମସ୍ତ କାର୍ଯ୍ୟ ଜିଲ୍ଲାପାଳ ପାରୁଲ ପଟାୱରୀଙ୍କ ଦିଗଦର୍ଶନ ଓ ଜିଲ୍ଲା ପରିଷଦର ମୁଖ୍ୟ ବିକାଶ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେଉଛି।

# ମହାଲକ୍ଷ୍ମୀ ମନ୍ଦିର ବାର୍ଷିକୋତ୍ସବ ପାଇଁ କଳସ ଯାତ୍ରା



**ଏରସମା, ୫ା୧(ସମିସ):** ଏରସମା ବ୍ଲକ ସୋମପୁର ପଞ୍ଚାୟତ ହରିପା ଗ୍ରାମରେ ନିର୍ମାଣ ହୋଇଥିବା ମହାଲକ୍ଷ୍ମୀ ମନ୍ଦିର ପ୍ରତିଷ୍ଠାର ଚତୁର୍ଥ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ଗ୍ରାମ ନିକଟସ୍ଥ ନଦୀଘାଟରେ ଗଙ୍ଗା ମାତାକୁ ଆବାହନ କରି ଶତାଧିକ ମହିଳା କଳସୀରେ ଜଳ ଧରି ଏକ ଶୋଭାଯାତ୍ରାରେ ମନ୍ଦିରରେ ପହଁଚି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ। ପୁରୋହିତ ସନାତନ ପଣ୍ଡାଙ୍କ ନେତୃତ୍ୱରେ ଏହି କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ସଂକୀର୍ତ୍ତନ ଓ ନମ ଗୁରୁ ଦଳ, ଗ୍ରାମର ସମସ୍ତ ମହିଳା ଓ ପୁରୁଷ ଶୋଭାଯାତ୍ରାରେ ସାମିଲ ଥିଲେ। ଏଥିରେ କର୍ତ୍ତା ଭାବେ ନେତ୍ରାନନ୍ଦ ପରିଡ଼ା ଓ ତାଙ୍କ ପତ୍ନୀ ରଞ୍ଜିତା ପରିଡ଼ା କାର୍ଯ୍ୟ ତୁଲାଇଥିଲେ। କମିଟିର କ୍ଷେତ୍ରମୋହନ ପରିଡ଼ା, ଚକ୍ରଧର ମଲ୍ଲିକ, ହିମାଂଶୁ ପରିଡ଼ା, ପପୁନା ମଲ୍ଲିକ, କୁନା ଲେଙ୍କା, ଅକ୍ଷୟ ସ୍ୱାଇଁ, ବିକ୍ରମ ମଲ୍ଲିକ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

# ୪ମାସ ପରେ ମୂର୍ତ୍ତି ଚୋର ଗିରଫ

**ବାଲିକୁଦା, ୬ା୧(ସମିସ):** ଖଡ଼ିକାଦଣ୍ଡା ଗ୍ରାମଦେବତୀ ମନ୍ଦିରରୁ ମୂର୍ତ୍ତି ଚୋରି କରିଥିବା ଚୋରକୁ ବାଲିକୁଦା ପୁଲିସ ଦୀର୍ଘ ୪ ମାସ ପରେ ଗିରଫ କରିଛି। ସେ ହେଲେ ପିଲିପାଇ ଗ୍ରାମର ମନୋଜ କାଣ୍ଡି।



ସୂଚନା ଅନୁଯାୟୀ ଦୀର୍ଘ ୪ମାସ ତଳେ ଉକ୍ତ ମନ୍ଦିରରୁ ପ୍ରାୟ ୬ ଲକ୍ଷ ଟଙ୍କା ମୂଲ୍ୟର ଅଷ୍ଟଧାତୁରେ ନିର୍ମିତ ମା'ଙ୍କ ମୂର୍ତ୍ତିକୁ ମନୋଜ ଚୋରି କରି ପିଲିପାଇ ଜଙ୍ଗଲରେ ଥିବା ଏକ ଚାଳଛପର ଘରେ ରଖିଥିଲା। ଗ୍ରାମବାସୀଙ୍କ ଅଭିଯୋଗ ପରେ ପୁଲିସ ସାଇଣ୍ଟିଫିକ୍ ଟିମ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରିଥିଲା। କୁକୁର ନିକଟରେ ଥିବା ଏକ ପୋଖରୀ ନିକଟକୁ ବାରମ୍ବାର ଯାଇ ଅଟକି ଥିଲା। ପୁଲିସ ଓ ଗ୍ରାମବାସୀଙ୍କ ଉଦ୍ୟମରେ ପୋଖରୀ ସଫେଇ ସହ ପାଣି ନିଷ୍କାସନ କରାଯାଇଥିଲେ ସୁଦ୍ଧା ମୂର୍ତ୍ତିର କୌଣସି ସନ୍ଧାନ ମିଳି ନଥିଲା। କିଛିଦିନ ପରେ ଗ୍ରାମବାସୀ ବିଶେଷ ସୂତ୍ରରୁ ଖବର ପାଇ ମନୋଜ ନିଜ ଟୁଙ୍ଗିରେ ମୂର୍ତ୍ତି ଲୁଚାଇ ରଖିଥିବା ଜାଣି ବାଲିକୁଦା ପୁଲିସକୁ ସୂଚନା ଦେଇଥିଲେ। ପୁଲିସ ଘଟଣାସ୍ଥଳକୁ ଯିବାରୁ ମନୋଜ ଫେରାର ହୋଇ ଯାଇଥିଲା। ପୁଲିସ ମୂର୍ତ୍ତି ଉଦ୍ଧାର କରି ଗ୍ରାମବାସୀଙ୍କୁ ପ୍ରଦାନ କରିଥିଲା। ହେଲେ ମନୋଜ ଆଜି ଗ୍ରାମକୁ ଆସିଥିବା ଖବର ପାଇ ପୁଲିସ ତାକୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ପାରାଦୀପ ପୌରାଞ୍ଚଳରେ ବୁଲିଲା ଅର୍ପଣ ରଥ

**ପାରାଦୀପ, ୬ା୧(ସମିସ):** ଆଜି ମଧୁବନ ସ୍ଥିତ ଜଗନ୍ନାଥ ମନ୍ଦିରରୁ ଜୟ ଜଗନ୍ନାଥ ଅର୍ପଣ ରଥର ଶୁଭାରମ୍ଭ କରାଯାଇଛି। ଏହା ୬ ତାରିଖରୁ ୧୬ ତାରିଖ ପର୍ଯ୍ୟନ୍ତ ପାରାଦୀପ ପୌରାଞ୍ଚଳ ଅଧିନ ୧୯ଟି ୱାର୍ଡରେ ପରିକ୍ରମା କରିବ। ଆସନ୍ତା ୧୭ ତାରିଖ ଦିନ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ସମାରୋହ ଅନୁଷ୍ଠିତ ହେବାକୁ ଯାଉଛି। ଶନିବାର ଅପରାହ୍ନରେ ପାରାଦୀପ ମଧୁବନସ୍ଥିତ ଜଗନ୍ନାଥ ମନ୍ଦିର ନିକଟରୁ ଅର୍ପଣ ରଥର ଶୁଭାରମ୍ଭ କରିଛନ୍ତି ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ। ପାରାଦୀପ ସହରର ସମସ୍ତ ୱାର୍ଡରେ ଘରକୁ ଘର ଯାଇ ମହାପ୍ରଭୁଙ୍କ ନିମନ୍ତେ ଅରୁଆ ଚାଉଳ ଓ ଗୁଆ ସଂଗ୍ରହ କରାଯିବା ସହିତ ଜଗନ୍ନାଥଙ୍କ ମହିମା ପ୍ରଚାର ଓ ପ୍ରସାର କରାଯିବା ନେଇ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ତାହା




ପାଳନ କରାଯିବ ବୋଲି ପୌରାଧ୍ୟକ୍ଷ ଶ୍ରୀ ବିଶ୍ୱାଳ କହିଛନ୍ତି। ସଂକୀର୍ତ୍ତନ ମଣ୍ଡଳୀଙ୍କ ହରିବୋଲ ଓ ମହିଳାମାନଙ୍କ ହୁଳହୁଳି ମଧ୍ୟରେ ଅର୍ପଣ ରଥ ଏହାର ଯାତ୍ରା ଆରମ୍ଭ କରିଥିଲା। ଆସନ୍ତା ୧୭ ତାରିଖ ପୂର୍ବରୁ ଏହି ଅର୍ପଣ ରଥ ସମଗ୍ର ପାରାଦୀପର ଅଞ୍ଚଳ ବୁଲିବ। ଏହି କାର୍ଯ୍ୟକ୍ରମରେ ପୌର ନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ସାହା, ପୌର ଉପାଧ୍ୟକ୍ଷା ଛବିଲତା ରାଉତ, ସ୍ଥାନୀୟ ପାରିଷଦ ଶୁକ୍ରମଣି ନାଗଙ୍କ ସମେତ ବହୁ ଜଗନ୍ନାଥ ପ୍ରେମୀ ଉପସ୍ଥିତ ଥିଲେ।

# ଆବାସ ଯୋଜନାରେ ଅନିୟମିତତା; ଭିଜିଲାନ୍ସରେ ଅଭିଯୋଗ

**ବାଲିକୁଦା, ୬ା୧(ସମିସ):** ବାଲିକୁଦା ବ୍ଲକର ବିଭିନ୍ନ ପଞ୍ଚାୟତରେ ପ୍ରାୟ ୧୫ ଅଯୋଗ୍ୟ ହିତାଧିକାରୀଙ୍କୁ ବ୍ଲକ ପ୍ରଶାସନ ପକ୍ଷରୁ ଆବାସ ଯୋଜନାରେ ସାମିଲ କରାଯାଇଛି। ଏନେଇ ମୋଟା ଅଙ୍କର ଅର୍ଥ କାରବାର ହୋଇଥିବା ଅଭିଯୋଗ ହୋଇଛି। ଅନ୍ୟପଟେ ଯୋଗ୍ୟ ହିତାଧିକାରୀ ତାଲିକାରୁ ବାଦ ପଡ଼ିଥିବା ନେଇ ଅଭିଯୋଗ ଆଣିବା ସହ ଘଟଣାର ସତ୍ୟାସତ୍ୟ ତଦନ୍ତ ପାଇଁ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଛନ୍ତି ଆଇନଜୀବୀ ରାଜେନ୍ଦ୍ର ମହାପାତ୍ର। ଭିଜିଲାନ୍ସ ନିକଟରେ ପ୍ରଦାନ କରିଥିବା ଅଭିଯୋଗପତ୍ରରେ ଶ୍ରୀ ମହାପାତ୍ର ସିଧାସଳଖ ବ୍ଲକ କମ୍ପ୍ୟୁଟର ସେକ୍ସନ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ତଦନ୍ତ ପରିସରଭୁକ୍ତ କରିବାକୁ ନିବେଦନ କରିଛନ୍ତି।

ଜଣେ ବ୍ୟକ୍ତିଙ୍କ ନାମରେ କାର୍ଯ୍ୟାଦେଶ ଥିବାବେଳେ ଅନ୍ୟଜଣେ ବ୍ୟକ୍ତିଙ୍କ ଫଟୋ ଯୋଡି ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ଅନ୍ୟ ଏକ ବ୍ୟକ୍ତିଙ୍କ ଖାତାରେ ଅର୍ଥ ପ୍ରଦାନ କରିଥିବା ଅଭିଯୋଗ କରି ତଦନ୍ତ କରିବା ପାଇଁ ନିବେଦନ କରିଛନ୍ତି।

ଏନେଇ ଏବିଡ଼ିଓ ସଞ୍ଜୟ ଦାସ କହିଛନ୍ତି ଅଭିଯୋଗ ଭିତ୍ତିହୀନ ଓ ଉଦ୍ଦେଶ୍ୟମୂଳକ। ସରକାରୀ ନିୟମ ଅନୁଯାୟୀ ଆବଶ୍ୟକୀୟ ପ୍ରମାଣପତ୍ର ପାଇବା ପରେ ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇ ସାମିଲ କରାଯାଇଛି। ଏନେଇ କମ୍ପ୍ୟୁଟର ସେକ୍ସନ କର୍ମଚାରୀ ଶ୍ରୀ ସାହୁ ମଧ୍ୟ ସମାନ ଭାବେ ତାଙ୍କ ନାମରେ ଆସିଥିବା ଅଭିଯୋଗ ସମ୍ପୂର୍ଣ ମିଥ୍ୟା ଓ ସରକାରୀ ଆଇନ ଅନୁଯାୟୀ ସମସ୍ତ କାଗଜପତ୍ର ପ୍ରମାଣ ପାଇବା ପରେ ଯୋଗ୍ୟତା ଭିତ୍ତିରେ ପ୍ରଦାନ କରାଯାଇଥିବା କହିଛନ୍ତି।

■ 'ମୋନାଲିସା' ସାହିତ୍ୟ ପତ୍ରିକା ଉନ୍ମୋଚିତ

# 'ସାହିତ୍ୟ ବିନା ସୁନ୍ଦର ସମାଜର ପରିକଳ୍ପନା କରାଯାଇପାରେନା'

**ପାରାଦୀପ, ୬ା୧(ସମିସ):** ହୃଦୟକୁ ହୃଦୟ ସହିତ ଯୋଡିଥାଏ ସାହିତ୍ୟ। ସାହିତ୍ୟକୁ ବାଦ ଦେଇ ସାମ୍ୟ ଓ ସୁନ୍ଦର ସମାଜର ପରିକଳ୍ପନା କରାଯାଇ ପାରିବ ନାହିଁ ବୋଲି ମୋନାଲିସା ସାହିତ୍ୟ ସଂସଦ ପକ୍ଷରୁ ଆୟୋଜିତ ନୂତନ ବର୍ଷ କବିତା ଆସରରେ ମତ ପ୍ରକାଶ ପାଇଛି।




ପାରାଦୀପ ପୌରପାଳିକା ସମ୍ମିଳନୀ କକ୍ଷରେ ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି କବି ପୀତାମ୍ବର ତରାଇଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଯୋଗଦେଇ ସାହିତ୍ୟ ସବୁ ଯୁଗରେ ସମାଜକୁ ଦିଗଦର୍ଶନ ଦେଇ ସତ୍ୟ ପଥରେ ଅଗ୍ରସର ହେବାପାଇଁ ପ୍ରେରଣାର ଉତ୍ସ ହୋଇଥାଏ ବୋଲି କହିଥିଲେ। ମୁଖ୍ୟ ବକ୍ତା ଭାବରେ କାର୍ଯ୍ୟନିର୍ବାହୀ ଅଧିକାରୀ ଡଃ ପ୍ରଦୀପ କୁମାର ସାହା ଯୋଗ ଦେଇଥିଲେ।ସମ୍ମାନିତ ଅତିଥି ଭାବେ ଶ୍ରମିକ ନେତା ଅନନ୍ତ କୁମାର ଦାସ, ସାମ୍ବାଦିକ ଧ୍ରୁବ ଚରଣ ମହାପାତ୍ର, କବି ହରାମଣି ମହାପାତ୍ର ପ୍ରମୁଖ ଯୋଗ ଦେଇ ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ସମ୍ପାଦିକା ସଂଘମିତ୍ରା ସ୍ୱାଇଁ ସଂସଦର ଆଭିମୁଖ୍ୟ ଓ ଚଳିତ ବର୍ଷ ପାଇଁ ହେବାକୁ ଥିବା ନାନା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ।

# ବିପଦସଂକୁଳ କଟରା ସମବାୟ ସମିତି

**ମଣିଜଙ୍ଗା, ୬ା୧(ସମିସ):** ତିର୍ତ୍ତୋଲ ବ୍ଲକ କଟରା ପଞ୍ଚାୟତ କଟରା ସେବା ସମବାୟ ସମିତି ବହୁପୁରାତନ। ହେଲେ ଅଫିସ୍ ଗୃହ କାନ୍ଥ ଫାଟି ମେଲା ହୋଇଗଲାଣି। ଛାତ ଫାଳ ଫାଳ ହୋଇ ଗଳି ପଡୁଛି। ସମ୍ପାଦକ ଓ କର୍ମଚାରୀମାନେ ଜୀବନକୁ ବାଜି ଲଗାଇ ଅଫିସରେ ବସି କାମ କରୁଛନ୍ତି। ଅଫିସ୍‌କୁ ଆସୁଥିବା ବୋର୍ଡ ମେମ୍ବର ଓ ଚାଷୀମାନେ ଭୟଭୀତ ହେଉଛନ୍ତି। ଏଥିପ୍ରତି ତିର୍ତ୍ତୋଲ ବିଧାୟକ ତଥା ରାଜ୍ୟ ସମବାୟ ମନ୍ତ୍ରୀ ତଥା ସମବାୟ ବିଭାଗର ଉଚ୍ଚପଦସ୍ଥ ଅଫିସର ତୁରନ୍ତ ଦୃଷ୍ଟିଦେଇ ପଦକ୍ଷେପ ନେବାକୁ ଦାବି ହେଉଛି।

# ଆଶୀର୍ବାଦ ସେବା ସଂଗଠନ ପକ୍ଷରୁ କମ୍ବଳ ବଣ୍ଟନ



**ଜଗତସିଂହପୁର, ୬ା୧(ସମିସ):** ଜିଲ୍ଲାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଶୀର୍ବାଦ ସେବା ସଂଗଠନ ପକ୍ଷରୁ ଅଡଙ୍ଗ ନଷଲକଣ୍ଠ ମାର୍ଗରେ ଥିବା ବୃଦ୍ଧ ଆଶ୍ରମର ଅନ୍ତେବାସୀଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ଅନୁରୂପ ଭାବେ ସଂଗଠନ ପକ୍ଷରୁ ସହରର ରାସ୍ତା କଡ ଫୁଟପାତରେ ଶୀତ କାକର ସହୁଥିବା ନିରାଶ୍ରୟ ବୃଦ୍ଧ ବୃଦ୍ଧା ଓ ମାନସିକ ରୋଗୀ ମାନଙ୍କୁ ମଧ୍ୟ କମ୍ବଳ ବଣ୍ଟନ କରାଯାଇଛି। ସଂଗଠନର ସଭାପତି ଜଗନ୍ନାଥ ବେହେରା ସମେତ ସରୋଜ ସ୍ୱାଇଁ, ରଶ୍ମୀ ରଞ୍ଜନ ମହାନ୍ତି, ଦୀପ୍ତି ରଞ୍ଜନ ବିଶ୍ୱାଳ ପ୍ରମୁଖ କମ୍ବଳ ବଣ୍ଟନ କରିଥିଲେ।

# ଶ୍ରୀକୃଷ୍ଣ ଏକାଡେମୀର ବାର୍ଷିକ କ୍ରୀଡ଼ା




ଜଗତସିଂହପୁର, ୬ା୧(ସମିସ):ଶ୍ରୀକୃଷ୍ଣ ଏକାଡେମୀର ଦୁଇଦିନିଆ ବାର୍ଷିକ କ୍ରୀଡା ଉତ୍ସବ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମିହିର କୁମାର ପାଳଙ୍କ ଦ୍ୱାରା ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। କ୍ରୀଡା ଶିକ୍ଷକ ଧର୍ମେନ୍ଦ୍ର ଦାସ ଏହି କ୍ରୀଡା ପରିଚାଳନା କରିଥିଲେ। ଏଥିରେ ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ପ୍ରଦୀପ୍ତ କୁମାର ଦାସ, ଶିକ୍ଷକ ରାଇଚରଣ ତ୍ରିପାଠୀ, ତ୍ରିଲୋଚନା ସାହୁ, ପ୍ରତାପ ଚନ୍ଦ୍ର ରାଉତରାୟ, ତପନ କୁମାର ସ୍ୱାଇଁ, ପ୍ରତ୍ୟୁଷ ରାଉତରାୟ, ରୀତା ମିଶ୍ର, ସଂଘମିତ୍ରା ସେଠୀ, ଆଶାଲତା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଜଗତସିଂହପୁର ଜିଲ୍ଲାରେ ଶୀତଦିନିଆ ବିଦେଶାଗତ ପକ୍ଷୀ ଗଣନା ଆରମ୍ଭ

# ୫ ସ୍ଥାନରେ ୫ ଗଣନାକାରୀ ଦଳ ନିୟୋଜିତ

**ଜଗତସିଂହପୁର/ପାରାଦୀପ, ୬ା୧(ସମିସ)**

ଚଳିତ ଶୀତଋତୁରେ ଦଳ ଦଳ ହୋଇ ବିଦେଶୀ ପକ୍ଷୀ ଜିଲ୍ଲାର ଆଦ୍ରଭୁମୀ ଅଞ୍ଚଳରେ ଆସି ପହଞ୍ଚିଛନ୍ତି। କୁଜଙ୍ଗ ରେଞ୍ଜ ଅଧିନ ପିପିଏଲ, ବାଲିକୁଦା ବ୍ଲକ ଅନ୍ତର୍ଗତ ଦେବୀନଦୀ ଓ ବଙ୍ଗୋପସାଗରର ସଂଗମ ସ୍ଥଳ ବନ୍ଦର, ଏରସମାର ହାୱାଖାନା, ଜଟାଧାର ମୁହାଣ ଓ ତଣ୍ଡା

● ପାରାଦୀପର ପିପିଏଲ ଠାରେ ଗଣନା କାର୍ଯ୍ୟ ଆରମ୍ଭ

ଇତ୍ୟାଦି ସ୍ଥାନରେ ବିଦେଶୀ ପକ୍ଷୀମାନଙ୍କୁ ଦେଖିବାକୁ ମିଳିଛି। ସେହିପରି ପାରାଦୀପ ବନ୍ଦର ସଂଲଗ୍ନ ଅଞ୍ଚଳ ହୁକିଟୋଲା, ମାଦଳୀ, ଅଗରନାସୀ, ବତୀଘର, ଜମ୍ବୁ ପ୍ରଭୃତି ଅଞ୍ଚଳରେ ମଧ୍ୟ ଏହି ବିଦେଶାଗତ ପକ୍ଷୀମାନଙ୍କ ଉପସ୍ଥିତି ଦେଖିବାକୁ ମିଳିଛି। ଆଜି ସକାଳ ୬ଟାରେ ପିପିଏଲରେ ପକ୍ଷୀ ଗଣନା ଆରମ୍ଭ ହୋଇଥିବାବେଳେ କୁହୁଡି ଥିବାରୁ ଗଣନା ସାମାନ୍ୟ ବାଧାପ୍ରାପ୍ତ ହୋଇଥିବା ସୂଚନା ମିଳିଛି। ଚଳିତ ବର୍ଷରେ ପାଗ ଅନୁକୂଳ ରହିଥିବାରୁ ରେକର୍ଡ ସଂଖ୍ୟକ ଅତିଥି ପକ୍ଷୀ ଆସିଥିବା






କୁଜଙ୍ଗ ରେଞ୍ଜ ଅଧିକାରୀ ରଞ୍ଜନ ମିଶ୍ର ସୂଚନା ଦେଇଛନ୍ତି।

ଚଳିତ ଶୀତଋତୁରେ ରାଜନଗର ବନଖଣ୍ଡ ଅଧିନରେ ଥିବା ମୋଟ ୫ଟି ରେଞ୍ଜ ଯଥା କୁଜଙ୍ଗ, ରାଜନଗର, କନିକା, ଗହିରମଥା ଓ ମହାକାଳପଡ଼ା ରେଞ୍ଜ ଅଞ୍ଚଳରେ ପକ୍ଷୀ ଗଣନା ଆରମ୍ଭ ହୋଇଛି। ଜଗତସିଂହପୁର ଜିଲ୍ଲାର କୁଜଙ୍ଗ ରେଞ୍ଜ ଅଧିନରେ ଥିବା ପିପିଏଲ, ବନ୍ଦର, ହାୱାକାନା, ଜଟାଧାର ମୁହାଣ ଓ ତଣ୍ଡାଠାରେ ମୋଟ ୫ଟି ସ୍ଥାନରେ ସକାଳ ୬ଟାଠାରୁ ମଧ୍ୟାହ୍ନ ୧୧ଟା ଯାଏ ପକ୍ଷୀଗଣନା କରାଯାଉଛି। ପକ୍ଷୀଗଣନା ପାଇଁ ଏହି ୫ଟି ଯାଗାରେ ବନବିଭାଗ ପକ୍ଷରୁ ୫ଟି ଟିମ୍ ନିୟୋଜିତ ଥିଲେ। ପ୍ରତି ଟିମରେ ୪ରୁ ୫ଜଣ ଗଣନାକାରୀ ରହିଥିବା ସୂଚନା ମିଳିଛି। ବିଭିନ୍ନ ପକ୍ଷୀ ବିଷାରଦଙ୍କ ସହ ବନ କର୍ମଚାରୀମାନେ ଏହି ଗଣନାରେ ସାମିଲ ହୋଇଛନ୍ତି।

ସ୍ଥାନୀୟ ପକ୍ଷୀ ବିଶେଷଜ୍ଞଙ୍କ ମତରେ, ମୁଖ୍ୟତଃ ଦୁଇଟି କାରଣ ପାଇଁ ଶୀତ ଋତୁରେ ବିଦେଶୀ ପକ୍ଷୀମାନେ ଦେଶାନ୍ତର ହୋଇଥାନ୍ତି। ପ୍ରଚଣ୍ଡ ଶୀତରୁ ରକ୍ଷା ପାଇବା ପାଇଁ ବିଦେଶୀ ପକ୍ଷୀମାନେ ହଜାର ହଜାର ମାଇଲ ଦୂରକୁ ଉଡିଯାଇ ସ୍ଥାନ ପରିବର୍ତ୍ତନ କରୁଥିବାବେଳେ, ପ୍ରଚୁର ପ୍ରାକୃତିକ ଖାଦ୍ୟ ମିଳୁଥିବା ସ୍ଥାନକୁ ମଧ୍ୟ ପକ୍ଷୀମାନେ ପସନ୍ଦ କରୁଥିବା ଜଣାପଡ଼ିଛି। ଗତବର୍ଷ ପାରାଦୀପର ପିପିଏଲ ଅଞ୍ଚଳକୁ ମୋଟ ୨୨ହଜାର ବିଦେଶୀ ପକ୍ଷୀ ଆସିଥିବା ସମୟରେ ଜିଲ୍ଲାର ଅନ୍ୟ ୪ଟି ସ୍ଥାନକୁ ମୋଟ ୩୯ ହଜାର ପକ୍ଷୀ ଆସିଥିବା ସୂଚନା ମିଳିଛି। ୨୦୨୦ରେ ୬ ହଜାର ପକ୍ଷୀ ଆସିଥିବା ସମୟରେ ୨୦୨୧ରେ ଏହି ଅଞ୍ଚଳକୁ ୨୧, ୬୦୨ ପକ୍ଷୀ ଆସିଥିଲେ। ଚଳିତବର୍ଷ ପିପିଏଲ ସାରକାରଖାନା ଚାରିପାଖରେ ଥିବା ଛୋଟ ଛୋଟ ପୋଖରୀ ନିକଟରେ ଏହି ପକ୍ଷୀମାନଙ୍କୁ ଦେଖିବାକୁ ମିଳିଛି। ଏହି ଅଞ୍ଚଳରେ ଥିବା ଗଛ ଗୁଡିକରେ ସେମାନେ ଆଶ୍ରୟ ନେଉଥିବା ସୁଚନା ମିଳିଛି।

# ଝଙ୍କଡ଼ ସାହିତ୍ୟ ସଂସଦର କବିତା ଆସର

**ତିର୍ତ୍ତୋଲ, ୬ା୧(ସମିସ):** ତିର୍ତ୍ତୋଲ ନେହେରୁ କଲୋନୀସ୍ଥିତ ପ୍ରାଣକୃଷ୍ଣ ନିବାସରେ ନୂତନ ବର୍ଷ ୨୦୨୪କୁ ସ୍ୱାଗତ ଉପଲକ୍ଷେ ଏକ କବିତା ଆସର ଅନୁଷ୍ଠିତ ହୋଇଯାଇଛି। ସଂସଦର ଉପସଭାପତି ପ୍ରାଧାପିକା ଡ.ବିଷ୍ଣୁପ୍ରିୟା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆସରରେ ମୁଖ୍ୟ ଅତିଥି ସୁଶ୍ରୀ ଶୁଭଶ୍ରୀ ସାହିତ୍ୟ ସଂସଦର ସମ୍ପାଦିକା ବସନ୍ତ ମଞ୍ଜରୀ ଦାସ, ମୁଖ୍ୟବକ୍ତା କବୟିତ୍ରୀ ସବିତା ନାୟକ, ବିଶିଷ୍ଟ ଅତିଥି କବି ହେମନ୍ତ କୁମାର ନାୟକ, ସମ୍ମାନିତ ଅତିଥି ଶିକ୍ଷାବିତ ଝୁଲରାମ ଦାସ, ଅଧାପିକା ରାଜଶ୍ରୀ ସ୍ୱାଇଁ, କବୟିତ୍ରୀ ପଦ୍ମାବତୀ ମିଶ୍ର ପ୍ରମୁଖ ଯୋଗଦେଇ ବିଦାୟୀ ବର୍ଷର ସ୍ମୃତି ବିସ୍ମୃତି ଓ ନବବର୍ଷର ନୂଆ ସମ୍ଭାବନା ଉପରେ ଆଲୋକପାତ କରିବା ସହ ନୂତନ ବର୍ଷ ସମସ୍ତଙ୍କ ମଙ୍ଗଳଦାୟୀ ହେଉ ବୋଲି କାମନା କରିଥିଲେ। କବି ଦିଗମ୍ବର ରାଉତଙ୍କ ସଂଯୋଜନାରେ କବି ନାରାୟଣ ନାୟକ, ନିତ୍ୟାନନ୍ଦ ନାୟକ, ଚୌଧୁରୀ ରାଧାମୋହନ ପରିଜା, ପ୍ରଭାତ ପରିଜା, ସାଇ ଋତୁପର୍ଣ୍ଣା ପରିଡ଼ା, ଆଇନଜୀବି ପ୍ରଶାନ୍ତ କୁମାର ଦାସଙ୍କ ସମେତ ୨୦ରୁ ଉର୍ଦ୍ଧ କବି ସ୍ୱରଚିତ କବିତା ପାଠ କରିଥିଲେ। ପ୍ରାକ୍ତନ ବ୍ୟାଙ୍କ ଅଧିକାରୀ ଗୌରାଙ୍ଗ ଚରଣ ଦାସ ଓ ପଣ୍ଡିତ ବାସବ ନନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସମ୍ପାଦକ ଝଙ୍କଡ ରତ୍ନ ଗୋଲୋକ ବିହାରୀ ପଲାଇ ଧନ୍ୟବାଦ ଦେଇଥିଲେ।



